ସାପ୍ତାହିକ
Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweeker ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94

Vol.27 | Issue - 26 | 25 June - 01 July 2023 | Sambalpur | Page- 8 | Invitation Price Rs.10




## ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୩ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତରଣ ଓ ଆଧାମ୍ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



## ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ଅସ୍ମିତା ଏବଂ ସାଂସ୍କୃତିକ ଗୌରବର ସର୍ବୋତ୍ତମ ପରିଚୟ ତଥା ଜଗତର ନାଥ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଆମ ରାଜ୍ୟର ସମୃଦ୍ଧି ଓ ଅଭିବୃଦ୍ଧି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ନମ୍ର ପ୍ରଣତି ଜଣାଉଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ




## ଶ୍ରୀଗୁଣ୍ଡିଚା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଶ୍ରୀଗୁଣ୍ଡିଚା ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜାତିସଂଘରେ ମୋଦିଙ୍କ ଯୋଗ କାର୍ଯ୍ୟକ୍ରମର ବିଶ୍ୱ ରେକର୍ଡ



ନ୍ୟୁୟର୍କ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତରେ ଯାଇଥିବା ବେଳେ ନ୍ୟୁୟର୍କ ସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଅନ୍ତର୍ଜାତିକ ଯୋଗ ଦିବସ ଅବସରରେ ଆୟୋଜିତ ଶିବିରରେ ଯୋଗ ଦେଇଥିଲେ । ବିଶ୍ୱର ୧୮୦ରୁ ଅଧିକ ରାଷ୍ଟ୍ରର ପ୍ରତିନିଧିଙ୍କ ସମେତ ଆମେରିକା ଏବଂ ବିଶ୍ୱର ଅନ୍ୟ ବହୁ ଭାଗରୁ ଆସିଥିବା ସେଲିବ୍ରିଟିମାନେ ମଧ ତାଙ୍କ ସହ ଯୋଗାଭ୍ୟାସ କରିଥିଲେ । ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛି । ହଲିଉଡ ଅଭିନେତା ରିଚାର୍ଡ ଗେରେ, ଆୟେଙ୍ଗର ଯୋଗ ବିଶେଷଜ୍ଞ ଡେଇଦ୍ରା ଦିମେନ୍ସ ନ୍ୟୁୟର୍କ ସିଟି ମେୟର ଏରିକ୍ ଆଦାମ୍ସ ଏବଂ ଆମେରିକାର ପ୍ରସିଦ୍ଧ ଗାୟକ ମେରି ମିଲବେନଙ୍କ ସମେତ ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । ଜାତି, ଧର୍ମ ଏବଂ ଦେଶ ନିର୍ବିଶେଷରେ ଏହି କାର୍ଯ୍ୟକ୍ରମରେ ହଜାର ହଜାର ଯୋଗପ୍ରେମୀ ଯୋଗ ଦେଇ ଯୋଗାଭ୍ୟାସ କରିଥିଲା ବେଳେ ସାରା ବିଶ୍ୱ ଓ ଯୋଗମୟ ହୋଇପଡ଼ିବା ଭଳି ପରିବେଶ ସୃଷ୍ଟି ହୋଇଥିଲା ।

୭ ପୃଷ୍ଠାରେ...


ରକ୍ତଚାପ ନିୟନ୍ତ୍ରଣ କରିଥାଏ ବିଟ୍


ଅବସାଦ ଦୂର କରେ ଚକୋଲେଟ୍


ସୁସ୍ଥ ରଖେ ଦେଶୀ ଆଳୁ


ହିତକାରୀ କ୍ୟାପସିକମ୍


ଅତ୍ୟଧିକ କଲରା ସେବନ ହାନିକାରକ


ପାଳୁଅର ଉପକାରିତା

## ସିଆରପିଏଫ୍ ଗ୍ରୁପ ସେଣ୍ଟରରେ ଯୋଗ ଦିବସ

ସମ୍ବଲପୁର : ବସନ୍ତପୁର ସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ଅନ୍ତଃ ସମୂହ ଗ୍ରୁପ କେନ୍ଦ୍ର ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଗ୍ରୁପ ସେଣ୍ଟର ଉପମହାନିରୀକ୍ଷକ (ଡିଆଇଜି) ଲାଲ ଚନ୍ଦ୍ର ଯାଦବ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଆର୍ଟ ଅଫ ଲିଭିଙ୍ଗ ଯୋଗ ଗୁରୁ ହିମାଂଶୁ ଦାସ, ଯୋଗ ଗୁରୁ ରାଜ କୁମାର ବାରିକ ଯୋଗ ଓ ଆସନର ବିଭିନ୍ନ ମୁଦ୍ରା ଅଭ୍ୟାସ କରାଇ ଥିଲେ । କାର୍ଯ୍ୟକ୍ରମରେ ସିଆରପିଏଫ ଅଧିକାରୀ, ଯବାନ, ଜବାନଙ୍କ ପରିବାର ଲୋକ, ସମ୍ବଲପୁର ସିଏ ଆସୋସିଏସନ ସଦସ୍ୟ, ମାରୱାଡି ଯୁବା ମଞ୍ଚ ପ୍ରମୁଖ ଯୋଗ ଶିବିରରେ ସାମିଲ ଥିଲେ । ସିଆରପିଏଫ ପକ୍ଷରୁ 'ହର ଆଙ୍ଗନ ମେ ଯୋଗ' ବାର୍ତ୍ତାୟକୁ ଭିତ୍ତି କରି ସିଆରପିଏଫ ଗ୍ରୁପ ସେଣ୍ଟର ପକ୍ଷରୁ ମଇ ମାସ ୨୭ ତାରିଖରୁ ଜୁନ ୨୧ତାରିଖ ପର୍ଯ୍ୟନ୍ତ ୨୫ ଦିନ ଧରି ବିଭିନ୍ନ ଜନ ଜାଗରଣ ତଥା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ମର୍ମରେ ବରଗଡ଼ ଜିଲା ଖଣ୍ଡତା ଗ୍ରାମ ସହିଦ ଯବାନ ରଞ୍ଜନ ଦାସଙ୍କ ପୈତୃକ ସ୍ଥାନ, ବିଭିନ୍ନ ଐତିହାସିକ ସ୍ଥଳ, ହୀରାକୁଦ ଶିଶୁ ଉଦ୍ୟାନ, କଳାମାଟି ସାନ ଟିକ୍ରା ସ୍ଥିତ ଶିଶୁ ଉଦ୍ୟାନ, ଏସଏଲବି ଫାର୍ମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଯୋଗଭ୍ୟାସ କରାଇବା ସହିତ ସାଇକେଲ ଓ ବାଇକ ରାଲି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଲୋକଙ୍କୁ ଯୋଗ ବିଷୟରେ ସଚେତନତା କରାଯାଇଥିଲା ।

## ରାଷ୍ଟ୍ରପତିଙ୍କ ସମେତ ବହୁ ନେତା ଓ ଅଧିକାରୀ କଲେ ଯୋଗାଭ୍ୟାସ

ନୂଆଦିଲ୍ଲୀ : ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସାରା ଦେଶରେ ଯୋଗାଭ୍ୟାସ କରାଯାଇଛି । ଦେଶର ବିଭିନ୍ନ ଭାଗରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ରାଜନେତାଙ୍କ ଠାରୁ ଆରମ୍ଭ କରି ସେଲିବ୍ରିଟି ଏବଂ ପ୍ରଧାନ ବିଚାରପତିଙ୍କଠୁ ସାଧାରଣ ଲୋକ ଏଥିରେ ସାମିଲ ହୋଇଥିଲେ । ଏହିକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ ଯୋଗାଭ୍ୟାସ କରି ସମଗ୍ର ବିଶ୍ୱ ପାଇଁ ଯୋଗ ଏକ ମହାନ ଉପହାର ବୋଲି ଟ୍ୱିଟ୍ କରି କହିଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ସ୍ମୃତି ଇରାନୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଅନ୍ୟ ବହୁ ନେତା ମଧ ଯୋଗାଭ୍ୟାସ କରିଛନ୍ତି । ସେହିପରି ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ ଏବଂ ସୁପ୍ରିମକୋର୍ଟର ବହୁ ବିଚାରପତି ମଧ ଯୋଗାଭ୍ୟାସ କରିଥିଲେ ।

## ସମଲେଇ ପ୍ରକଳ୍ପର ବିଦ୍ୟୁତିକରଣ ନିର୍ଦ୍ଧାରିତ ସମୟ ସୀମା ମଧରେ ଶେଷ କରାଯିବ

ବୁର୍ଲା: ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁସମଲେଇଶ୍ୱରୀଙ୍କ ମନ୍ଦିର ଏବଂ ଏହା ଚତୁଃପାର୍ଶ୍ୱର ଯେଉଁ ଉନ୍ନତିକରଣ କାମ ଚାଲିଛି ସେଥି ମଧରେ ବିଦ୍ୟୁତିକରଣ ଏକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ । ଏହି ସମେଲଇ ପକଳ୍ପ ଅଧିନରେ କମଲିବଜାର ସବ୍‌ଷ୍ଟେସନ୍ ଠାରୁ ମନ୍ଦିର ଟ୍ରାନ୍ସଫର୍ମକୁ ୩୦୦ ବର୍ଗ ମିଟର ତାର ଦ୍ୱାରା ସଂଯୋଗ କରାଯିବ । ଏହି ୭୮୦ ମିଟର ଦୀର୍ଘ ଭୂତଳ କେବୁଲ କାର୍ଯ୍ୟ ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ହାତକୁ ନିଆଯାଇଛି ଏବଂ ଏହାକୁ ନିର୍ଦ୍ଧାରିତ ସମୟ ସୀମା ମଧରେ କାର୍ଯ୍ୟକାରୀ କରାଯିବ ବୋଲି ଏହାର ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଗଜାନନ କାଲେ କହିଛନ୍ତି । ସେ କହିଛନ୍ତିଯେ, ଏହି ଭୂତଳ କେବୁଲ ସମ୍ପୂର୍ଣ୍ଣ ନିରାପଦ ଏବଂ ଏହାକୁ ଷ୍ଟେଟ୍ ଅଫ୍ ଦ ଆର୍ଟ ଦ୍ୱାରା ଭୂତଳ ତାର ପକାଇବା ଅଭିଜ୍ଞ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଅଛି । ଏହା ଅତି ଉଚ୍ଚ କ୍ଷମତା ସମ୍ପନ୍ନ ହୋଇଥିବା ଦୃଷ୍ଟିରୁ ମନ୍ଦିର ଏବଂ ଏହାର ଚତୁଃପାର୍ଶ୍ୱର ଚାହିଦା ମେଣ୍ଟାଇବା ସହିତ ୨୦୦୦ କେଭି-ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ଲୋଡ ନିରବଚ୍ଛିନ୍ନ ଭାବରେ ଯୋଗାଇ ଦିଆଯାଇପାରିବ । ଏହି କାର୍ଯ୍ୟ ନିମନ୍ତେ ସରକାରଙ୍କ ତରଫରୁ ୧ କୋଟି ୯୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି କାର୍ଯ୍ୟ ସମ୍ପାଦନ ଦିଗରେ ଏହାର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପତି ସମ୍ପୂର୍ଣ୍ଣ ଭାବରେ ଦୃଷ୍ଟି ରଖାଯାଇଛି ।

## ବିବାଦୀୟ ଡାକ୍ତରଙ୍କ ଚିତ୍ରକୋଣ୍ଡା ବଦଳି

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ବିନିକା ସିନ୍ଦୁରପୁରର ପ୍ରସୁତି ରଞ୍ଜିତା ବାଘ (୨୨ ବର୍ଷ) ଙ୍କ ମୃତ୍ୟୁ ଘଟଣାରେ ବିବାଦୀୟ ହୋଇପଡ଼ିଥିବା ଡାକ୍ତର ମନୋଜ ନାୟକଙ୍କ ବଦଳି ଚିତ୍ରକୋଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ କରାଯାଇଛି । କିଛି ଦିନ ତଳେ ଜିଲ୍ଲା ମାତୃ ଓ ଶିଶୁ ଡାକ୍ତରଖାନାକୁ ଆସିଥିବା ବିନିକା ସିନ୍ଦୁରପୁରର ପ୍ରସୂତି ରଞ୍ଜିତାଙ୍କୁ ଡାକ୍ତର ମନୋଜ ନାଏକ ସ୍ଥାନୀୟ ଆଶା ନର୍ସିଂହୋମକୁ ସ୍ଥାନାନ୍ତରିତ ପାଇଁ ପ୍ରବର୍ତ୍ତାଇ ଥିବା ସ୍ୱାମୀ ପରମେଶ୍ୱର ଅଭିଯୋଗ କରିଥିଲେ । ନର୍ସିଂହୋମରେ ଡାକ୍ତର ମନୋଜ ନାଏକ ନିଜେ ରଞ୍ଜିତାଙ୍କ ଅସ୍ତ୍ରୋପଚାର କରିଥିଲେ । ରଞ୍ଜିତା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ହେଲେ ପ୍ରସବ ପରେ ପ୍ରଚୁର ରକ୍ତସ୍ରାବ ହେବାରୁ ଡାକ୍ତର ନାଏକଙ୍କ ପରାମର୍ଶରେ ତାଙ୍କୁ ୫ୟୁନିଟ ରକ୍ତ ଦିଆଯାଇଥିଲା । ତଥାପି ସ୍ୱାସ୍ଥ୍ୟା ବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସ ମଗାଇ ବୁର୍ଲା ପଠାଯାଇଥିଲା । ତେବେ ସେଠାରେ ରଞ୍ଜିତାଙ୍କ ମୃତ୍ୟୁ ହୋଇଥିଲା । ଡାକ୍ତରଙ୍କ ନର୍ସିଂହୋମ ପ୍ରୀତି ଯୋଗୁଁ ରଞ୍ଜିତାଙ୍କ ମୃତ୍ୟୁ ହୋଇଥିବା ସହରର ବିଭିନ୍ନ ବର୍ଗରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

ପରେ ଏକ ତିନି ଜଣିଆ ବିଶେଷଜ୍ଞ ଟିମ ଘଟଣାର ବିଧିବଦ୍ଧ ତଦନ୍ତ କରିଥିଲେ । ସ୍ଥାନୀୟ ସର୍କିଟହାଉସରେ ଗଣମାଧମ ଆଗରେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରତିକ୍ରିୟା ରଖିଥିଲେ । ପ୍ରତିକ୍ରିୟାର ୪ ଘଣ୍ଟା ପରେ ବିବାଦୀୟ ସମ୍ପୃକ୍ତ ଡାକ୍ତରଙ୍କୁ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ବଦଳି ଲାଗି ଆଦେଶ ହୋଇଛି । ପ୍ରକାଶ ଯେ, ମାସେ ପୂର୍ବରୁ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ମନୋଜ ନାଏକ ବଦଳି ହୋଇ ସୋନପୁର ମୁଖ୍ୟ ଡାକ୍ତରଖାନାରେ ଯୋଗ ଦେଇଥିଲେ । ଡାକ୍ତର ମନୋଜ ନାଏକଙ୍କ ରିଲିଭ ହୋଇଯାଇଥିବା ସୋନପୁର ସିଡିଏମଓ କାର୍ଯ୍ୟାଳୟରୁ ଜଣାପଡିଛି । ବ୍ରହ୍ମପୁରର ମାନବାଧିକାର କର୍ମୀ ରବିନ୍ଦ୍ର ମିଶ୍ର ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ମୃତ ରଞ୍ଜିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ଯୋଗ ଓ ପ୍ରାଣାୟାମ ଶାରୀରିକ ଓ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ: ଜିଲ୍ଲାପାଳ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ନୂତନ ଟାଉନ ହଲଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଯୋଗ ଓ ପ୍ରାଣାୟାମ ଜୀବନକୁ ଶୃଙ୍ଖଳିତ କରିବା ସହ ଶାରୀରିକ ଓ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି କହିବା ସହ ନିଜକୁ ସୁସ୍ଥ ରଖିବାକୁ ପ୍ରତ୍ୟହ ଯୋଗାସନ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି । ଶିବିରରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକାରୀ ଅମରେଶ ପଣ୍ଡା, ସି ଡି ଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ମନୁଷ୍ୟ ଜୀବନରେ ଯୋଗଭ୍ୟାସ ଓ ପ୍ରାଣାୟାମର ଗୁରୁତ୍ୱ ଉପରେ ଆଲୋକପାତ କରି ସାମ୍ପ୍ରତିକ ସ୍ଥିତିରେ ଏକ ଶୃଙ୍ଖଳିତ, ବ୍ୟବସ୍ଥିତ ତଥା ଅନୁଶାସିତ ଜୀବନ ବଂଚିବାରେ ଯୋଗ ଓ ପ୍ରାଣାୟାମର ଆବଶ୍ୟକତାକୁ ହୃଦୟଙ୍ଗମ ସହିତ ଆମେ ସମସ୍ତେ ନିୟମିତ ଭାବେ ନିର୍ଦ୍ଦିଷ୍ଟ କିଛି ସମୟ ଯୋଗ ଓ ପ୍ରାଣାୟାମ କରିବାକୁ ପରାମର୍ଶ ଦେଇଥିଲେ । ଏହି ଯୋଗ ଶିବିରରେ ପତଞ୍ଜଳି ଯୋଗ ସମିତି ସୁବର୍ଣ୍ଣପୁର ଶାଖା, ଶ୍ରୀ ଗୋପାନଳୀ ଚଳିତ ମନ୍ତ୍ର ଶ୍ୱାସ ଯୋଗାଳୟ, ମାରୱାଡି ଯୁବାମଞ୍ଚ, ସ୍ୱଚ୍ଛ ଭାରତ, ଜିଲ୍ଲା ରକ୍ତ ଦାନା ସଂଘ, ବରିଷ୍ଠ ନାଗରିକ ସଂଘ, ପ୍ରଜାପିତା ବ୍ରହ୍ମକ୍ଷକୁମାରୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବୁଦ୍ଧିଜୀବୀ, ସରକାରୀ କର୍ମଗରୀ, ଯୋଗ ସଂଗଠନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦାନ କରି ଯୋଗ ପ୍ରଶିକ୍ଷକ ମନୋଜ ପଣ୍ଡାଙ୍କ ଯୋଗମୁଦ୍ରାର ତାଳେ ତାଳେ ସଭିଏଁ ଯୋଗାସନ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ । ଶ୍ରୀମତୀ ଶୈବାଳିନୀ ପଟ୍ଟନାୟକ ଏପିଡ଼ି ଟ୍ରେନିଂ, ଜିଲ୍ଲାପରିଷଦଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ଯୋଗ ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ପରମାନନ୍ଦ ନାୟକ ପ୍ରଧାନ ଶିକ୍ଷକ କୌଶଳ ଉଚ୍ଚ ବିଦ୍ୟାଳୟ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଶ୍ରୀ ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ଼ିଜିଟାଲ ନିଉଜ ରିପୋର୍ଟ ୨୦୨୩

### ଡକ୍ଟର ପ୍ରଦୀପ ମହାପାତ୍ର

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରିଟେନର ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ 'ରଏଟର୍ସ ଇନଷ୍ଟିଟିଉଟ ଫର ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ' କର୍ତ୍ତୃକ ପ୍ରକାଶିତ ବାର୍ଷିକ ଡ଼ିଜିଟାଲ ନିଉଜ ରିପୋର୍ଟ ସମକାଳ ଆନ୍ତର୍ଜାତିକ ଗଣମାଧମରେ ଅନ୍ୟତମ ଚର୍ଚ୍ଚିତ ପ୍ରକାଶନ । ବିଂଶ ଶତାବ୍ଦୀର ଶେଷ ଦଶକରୁ ସମ୍ବାଦ ସରବରାହ କ୍ରମଶଃ ଅନଲାଇନ ପରିବେଶକୁ ସ୍ଥାନାନ୍ତରିତ ହେବା ଅବସରରେ ଡ଼ିଜିଟାଲ ସମ୍ବାଦ ମଞ୍ଚର ଗତିପ୍ରକୃତି ଅନୁଧାନ ଗୁରୁତ୍ୱଲାଭ କରିଥିଲା । ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକ ଆରମ୍ଭ ୨୦୧୨ରୁ କ୍ରମାଗତଭାବେ ପ୍ରକାଶିତ 'ଡ଼ିଜିଟାଲ ନିଉଜ ରିପୋର୍ଟ'ର ଦ୍ୱାଦଶ ସଂସ୍କରଣ ଜୁନ ୨୦୨୩ ମଧଭାଗରେ ପ୍ରକାଶିତ ହୋଇଥିଲା । ମୋଟ ୧୬୦ ପୃଷ୍ଠାର ଏହି ବିବରଣୀ ପ୍ରସ୍ତୁତି ନିମନ୍ତେ ତଥ୍ୟ ସଂଗ୍ରହ ଲାଗି ୨୦୨୩ ଜାନୁୟାରୀ ଓ ଫେବୃୟାରୀରେ ଆୟୋଜିତ ସର୍ବେକ୍ଷଣରେ ଭାରତ ସମେତ ୪୬ ଗୋଟି ରାଷ୍ଟ୍ରରୁ ୯୨ ହଜାର ବ୍ୟକ୍ତି ଅଂଶଗ୍ରହଣ କରିଥିଲେ ।

ପାରମ୍ପରିକଭାବେ 'ଡ଼ିଜିଟାଲ ନିଉଜ ରିପୋର୍ଟ' ଜୁନ ମାସରେ ପ୍ରକାଶିତ ହେବାପରେ କ୍ରମବର୍ଦ୍ଧିଷ୍ଣୁ ଡ଼ିଜିଟାଲ ମିଡ଼ିଆର ସମ୍ଭାବ୍ୟ ଭବିଷ୍ୟତକୁ ନେଇ ବିଶ୍ୱବ୍ୟାପୀ ଆଲୋଚ଼ନା ହୋଇଥାଏ । ରିପୋର୍ଟର ଜନାଦୃତିର ବିଭିନ୍ନ କାରଣ ମଧରେ ପ୍ରଥମତଃ ଅକ୍ସଫୋର୍ଡ଼ ଏକ ପ୍ରଚୀନ ଓ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ । ଦ୍ୱିତୀୟତଃ ରଏଟର୍ସ ଇନଷ୍ଟିଉଟ ଅଫ ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ ଆନ୍ତର୍ଜାତିକସ୍ତରରେ ସମ୍ବାଦ ଅଧୟନ କ୍ଷେତ୍ରରେ ଏକ ଅଗ୍ରଣୀ ପ୍ରତିଷ୍ଠାନ । ତୃତୀୟତଃ ଡ଼ିଜିଟାଲ ମିଡ଼ିଆର ସୁଦୂରପ୍ରସାରୀ ପ୍ରଭାବ ସଂପର୍କରେ ମୁଖ୍ୟତଃ ଗଣମାଧମରେ ସଂପୃକ୍ତ ବ୍ୟକ୍ତିବିଶେଷ ସତର୍କ ଦୃଷ୍ଟି ରଖିଥାନ୍ତି । ଚତୁର୍ଥତଃ ଏହି ଅଧୟନରେ ବହୁ ସଂଖ୍ୟକ ରାଷ୍ଟ୍ରରୁ ବହୁ ସଂଖ୍ୟକ ବ୍ୟକ୍ତି ଅଂଶଗ୍ରହଣ କରୁଥିବା ହେତୁ ନିଷ୍କର୍ଷ ବିଶ୍ୱସନୀୟ ଅନୁଭୂତ ହୁଏ ଏବଂ ପଞ୍ଚମତଃ ଦୀର୍ଘ ବାର ବର୍ଷ ଧରି ଗବେଷଣା ବଳବତ୍ତର ରହିଥିବା କାରଣରୁ ବିଭିନ୍ନ ଉପକ୍ରମର ତୁଳନାତ୍ମକ ଅଧୟନ ସହଜପ୍ରଦ ହୋଇଥାଏ ।

'ଡ଼ିଜିଟାଲ ନିଉଜ ରିପୋର୍ଟ' ମୌଳିକଭାବେ ଡ଼ିଜିଟାଲ ସମ୍ବାଦ ମଞ୍ଚ ଓ ଉପଭୋକ୍ତା ସଂପର୍କୀତ ତଥ୍ୟାବଳୀ ଅବତାରଣା କରିଥାଏ । ତେବେ ସାର୍ବଜନୀନସ୍ତରରେ ଡ଼ିଜିଟାଲ ସମ୍ବାଦ ପ୍ରାଧାନ୍ୟ ବିସ୍ତାର କରିଥିବା ଏବଂ ପାରମ୍ପରିକ ସମ୍ବାଦ ମଞ୍ଚ ସମୂହ ଡ଼ିଜିଟାଲ ରୂପାନ୍ତରି କରଣ ପ୍ରକ୍ରିୟାରେ ସକ୍ରିୟ ରହୁଥିବା ହେତୁ ଡ଼ିଜିଟାଲ ସମ୍ବାଦ ମଞ୍ଚର ରୂପରେଖ ଗୁରୁତ୍ୱ ବହନ କରେ । ଅର୍ଥାତ, ଡ଼ିଜିଟାଲ ମଞ୍ଚରେ ସମ୍ବାଦ ବିନ୍ୟାସ, ଉପଭୋକ୍ତାଙ୍କ ଆଚ଼ରଣ ଓ ସାମାଜିକ ପ୍ରଭାବ ଊଣାଅଧିକେ ପାରମ୍ପରିକ ମୁଦ୍ରଣ, ଟେଲିଭିଜନ ମଞ୍ଚଗୁଡ଼ିକରେ ମଧ ସମଭାବେ ପ୍ରତିଫଳିତ ହେଉଥିବା ବିଶ୍ୱାସ କରାଯାଏ । ଏହି କାରଣରୁ 'ଡ଼ିଜିଟାଲ ନିଉଜ ରିପୋର୍ଟ ୨୦୨୩' ଅନୁଶୀଳନ ଆନ୍ତର୍ଜାତିକ ପୃଷ୍ଠଭୂମିରେ ସମକାଳୀନ ଗଣମାଧମର ଗତିପ୍ରକୃତିର ସ୍ପଷ୍ଟ ଚ଼ିତ୍ର ଉପସ୍ଥାପିତ କରିଥାଏ । ସମ୍ବାଦ ମଞ୍ଚଗୁଡ଼ିକର ପରିଚାଳନା ଓ ପ୍ରଭାବ ସମସାମୟିକ ସାମାଜିକ ସ୍ଥିତାବସ୍ଥା ଉପରେ ନିର୍ଭରଶୀଳ । ସାମଗ୍ରିକଭାବେ ୨୦୨୩ ଆରମ୍ଭ ସୁଦ୍ଧା ବିଶ୍ୱବ୍ୟାପୀ ନିଅଣ୍ଟିଆ ଜୀବିକାନିର୍ବାହ ସମସ୍ୟା 'ଗ୍ଲୋବାଲ କଷ୍ଟ-ଅଫ-ଲିଭିଂ କ୍ରାଇସିସ', ୟୁକ୍ରେନ ଯୁଦ୍ଧ ଓ ପାଣିପାଗ ଅସ୍ଥିରତା ମୁଖ୍ୟ ସାମାଜିକ ପ୍ରସଙ୍ଗ ରୂପେ ରିପୋର୍ଟରେ ଚ଼ିହ୍ନଟ କରାଯାଇଛି । ଏତାଦୃଶ ବିଶୃଙ୍ଖଳିତ ପରିବେଶରେ ସତ୍ୟନିଷ୍ଠ, ଅର୍ଥନୀତି ଦିଗରୁ ସଶକ୍ତ ଓ ସ୍ୱଧୀନ ସାମ୍ବାଦିକତା ଆବଶ୍ୟକ ଥିବା ସ୍ଥଳେ ସମ୍ବାଦ ମଞ୍ଚଗୁଡ଼ିକ ବିଶ୍ୱସନୀୟତା ହରାଉଥିବା, ଉପଭୋକ୍ତାଙ୍କ ସମ୍ବାଦ-ବିମୁଖ ଆଚ଼ରଣ ଓ ଗଣମାଧମରେ ଅସ୍ଥିର ବ୍ୟାବସାୟିକ ସ୍ଥିତି ଉଦବେଗର କାରଣ । ବିଭିନ୍ନ ରାଷ୍ଟ୍ରରେ ଅର୍ଥନୀତିକ ମାନ୍ଦାବସ୍ଥା ହେତୁ ନାଗରିକଗଣ ସମ୍ବାଦ ଆହରଣ ଲାଗି କେତେ ଅର୍ଥ ବ୍ୟୟ କରିବେ ସେହି ଦିଗରେ ସଚ଼େତନ । ପାରିବାରିକ ଖର୍ଚ୍ଚକାଟରେ ଗଣମାଧମରେ ବ୍ୟୟ ପ୍ରମୁଖ ସ୍ଥାନ ଅଧିକାର କରିଥାଏ । ସର୍ବେକ୍ଷଣରୁ ଗୃହୀତ ତଥ୍ୟ ଅନୁଯାୟୀ ସମକାଳୀନ ଆର୍ଥିକ ମାନ୍ଦାବସ୍ଥାରେ ବିଶ୍ୱବ୍ୟାପୀ ୭୭ ପ୍ରତିଶତ ପ୍ରଭାବିତ ହୋଇଥିବା ସ୍ୱୀକାର କରିଥିଲେ ଏବଂ ମାତ୍ର ୨୦ ପ୍ରତିଶତ ସେମାନଙ୍କ ଅର୍ଥନୀତିକ ଜୀବନରେ ବିଶେଷ ପ୍ରଭାବ ପକାଇ ନଥିବା ସୂଚାଇ ଥିଲେ । ଆୟହାନୀ ହେତୁ ପାରମ୍ପରିକ ମୁଦ୍ରଣ ଓ ଟେଲିଭିଜନ ସମ୍ବାଦ ମଞ୍ଚଗୁଡ଼ିକ ଡ଼ିଜିଟାଲ ଅଭିମୁଖୀ ହେଉଥିବା ରଏଟର୍ସ ଇନଷ୍ଟିଟିଉଟ ସର୍ବେକ୍ଷଣରେ ସ୍ପଷ୍ଟ ବାରି ହୋଇଥିଲା ।

ବହୁ ରାଷ୍ଟ୍ରରେ ମୁଦ୍ରିତ ସମ୍ବାଦପତ୍ର ଓ ଟେଲିଭିଜନ ମଞ୍ଚରେ ସମ୍ବାଦ ଉପଭୋକ୍ତାଙ୍କ ସଂଖ୍ୟା ହ୍ରାସ ପାଇଚାଲିଛି । ସମ୍ବାଦ ଆହରଣ କ୍ଷେତ୍ରରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ଅନଲାଇନ ସମ୍ବାଦ ମଞ୍ଚରେ ପୂରଣ ହୋଇପାରୁ ନାହିଁ । ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଡ଼ିଜିଟାଲ ମଞ୍ଚରେ ସମ୍ବାଦ ପାଠକ ଓ ଦର୍ଶକଙ୍କ ସଂଖ୍ୟା କମିଛି । ସଂଗୃହୀତ ତଥ୍ୟ ଅନୁଯାୟୀ ଅନଲାଇନ ମଞ୍ଚରେ ୨୦୧୭ରେ ୬୩ ପ୍ରତିଶତ ସମ୍ବାଦ ଅନୁରାଗୀ ହିସାବ କରାଯାଇଥିବା ବେଳେ ୨୦୨୩ରେ ୪୮ ପ୍ରତିଶତରେ ପହଞ୍ଚିଛି । ବିଶ୍ୱବ୍ୟାପୀ ଅର୍ଥନୀତିକ ଓ ରାଜନୀତିକ ସଂକଟ ପ୍ରସାର ହେତୁ ସାଧାରଣ ବିଚାରରେ ସମ୍ବାଦପ୍ରତି ଆକର୍ଷଣ ବଢ଼ିବାର କଥା, କିନ୍ତୁ ବିପରୀତ ଚ଼ିତ୍ର ଦେଖିବାକୁ ମିଳୁଛି । ଡ଼ିଜିଟାଲ ମଞ୍ଚରେ ସମ୍ବାଦ-ବିମୁଖଙ୍କ ସଂଖ୍ୟା ୩୬ ପ୍ରତିଶତ ଥିବା ସର୍ବେକ୍ଷଣରୁ ଜଣାଯାଇଛି ।

**ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ**

# ଗାୟତ୍ରୀର ମନ୍ତ୍ରଦ୍ରଷ୍ଟା ବ୍ରହ୍ମର୍ଷି ବିଶ୍ୱାମିତ୍ର

**ଭ**ଗବାନ ସୂର୍ଯ୍ୟ ନିଜର ସହସ୍ର ରଶ୍ମି ମାଧମରେ ସୁବର୍ଣ୍ଣ ରାଶି ଢାଳି ଦେବା ପରି ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କର ତପୋତେଜ ଥିଲା । ତାଙ୍କର ସ୍ୱର୍ଣ୍ଣିମ ଆଭା ଦେଦୀପ୍ୟମାନ ରହୁଥିଲା । ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ଦ୍ରଷ୍ଟା କୁହାଯାଏ ।

ପୃଥିବୀ ପୃଷ୍ଠରେ ଜମ୍ବୁଦ୍ୱୀପ (ଏସିଆ)ର ଉପମହାଦ୍ୱୀପ ଭାରତର ମନୁଷ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ (ଶ୍ରେଷ୍ଠ)ଙ୍କର ଦ୍ୱାରା ଜ୍ଞାନ ସଂଗ୍ରହର ପରମ୍ପରା ଥିଲା । ବେଦ ମନ୍ତ୍ରଗୁଡ଼ିକର ଦ୍ରଷ୍ଟା ଋଷିମାନଙ୍କ ମଧ୍ୟରେ ମହାମନ୍ତ୍ର ଗାୟତ୍ରୀର ଦ୍ରଷ୍ଟା ମହର୍ଷି ବିଶ୍ୱାମିତ୍ର ତଥା ତାଙ୍କର ପ୍ରଥମ ପୁତ୍ର ମଧୁଛନ୍ଦାଙ୍କର ପ୍ରମୁଖ ଯୋଗଦାନ ରହିଛି । ଏହି ପରମ୍ପରାରେ ରାଜା ବିଶ୍ୱରଥ ସଂସାରରୁ ନିବୃତ୍ତ ହୋଇ ରାଜର୍ଷି ବିଶ୍ୱାମିତ୍ର ରୂପେ ଘୋର ତପ କରିଥିଲେ ।

ବୈଦିକ ମନ୍ତ୍ରଗୁଡ଼ିକର ଦ୍ରଷ୍ଟାମାନଙ୍କ ମଧ୍ୟରେ ବ୍ରହ୍ମର୍ଷି ବଶିଷ୍ଠ ମଧ୍ୟ ପ୍ରସିଦ୍ଧ । ସୂର୍ଯ୍ୟବଂଶୀ କ୍ଷତ୍ରିୟମାନଙ୍କ ମଧ୍ୟରୁ ରାଜା ସତ୍ୟବ୍ରତ ନିଜର ରାଜ୍ୟକୁ ଦେବରାଜ ଇନ୍ଦ୍ରଙ୍କ ସ୍ୱର୍ଗ ସମାନ ସମ୍ପନ୍ନ କରାଇବା ପାଇଁ ବ୍ରହ୍ମର୍ଷିଙ୍କୁ ଅନୁରୋଧ କଲେ । ବଶିଷ୍ଠ ତଥା ତାଙ୍କର ଶହେ ପୁତ୍ର ଅର୍ଥାତ୍ ଅନେକ ପୁତ୍ର ତଥା ଶିଷ୍ୟଗଣ ଏହାକୁ ଅସ୍ୱୀକାର କରିଦେଲେ ।

ଏଣୁ ରାଜନଙ୍କ ଅନୁରୋଧ କ୍ରମେ ରାଜର୍ଷି ବିଶ୍ୱାମିତ୍ର ଯଜ୍ଞ କଲେ, ଯାହାକୁ ବ୍ରହ୍ମର୍ଷି ପ୍ରବଳ ବିରୋଧ କଲେ । ଫଳରେ ରାଜର୍ଷିଙ୍କୁ ନୂତନ ସୃଷ୍ଟି ମଧ୍ୟ ରଚନା କରିବାକୁ ପଡ଼ିଲା, ଯେଉଁଠି ଯଅ ସମାନ ଗହମ, ଗାଈ ଠାରୁ ବି ଉତ୍ତମ ଦୁଧ ଦେଉଥିବା ମଇଁଷି ତଥା ମାନବ ଆକୃତିର ନଡ଼ିଆ ଆଦି ନିର୍ମାଣ କରାଯାଇଥିବା କଥା ବର୍ଣ୍ଣିତ ଅଛି । ଏହିପରି ରାଜା ସତ୍ୟବ୍ରତଙ୍କୁ ବି ଇନ୍ଦ୍ରଙ୍କ ସମାନ କୁହାଯିବାକୁ ବିରୋଧ କରି ତାଙ୍କୁ ତ୍ରିଶଙ୍କୁ ଅର୍ଥାତ୍ କିଛି ଲୋକଙ୍କ ସମର୍ଥନ ମିଳି ପାରିଲା ।

ରାଜର୍ଷି ବିଶ୍ୱାମିତ୍ରଙ୍କୁ ବ୍ରହ୍ମର୍ଷି ହେବା ପାଇଁ ଅଧିକ ପ୍ରୟାସ କରିବାକୁ ପଡ଼ିଲା । ତାଙ୍କୁ ସ୍ୱୀକୃତି ଦେଉ ନ ଥିବା ବ୍ରହ୍ମର୍ଷି ବଶିଷ୍ଠଙ୍କ ପୁତ୍ର ତଥା ଶିଷ୍ୟମାନଙ୍କୁ ମଧ୍ୟ ସେ ବଧ କରିଦେଲେ ।

ଶେଷରେ ବ୍ରହ୍ମର୍ଷି ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ରୂପେ ସ୍ୱୀକାର କଲେ । ରାଜା ତ୍ରିଶଙ୍କୁଙ୍କ ବଂଶରେ ମହାରାଜା ହରିଶ୍ଚନ୍ଦ୍ର ସତ୍ୟବାଦୀ ହେଲେ । ବିଶ୍ୱାମିତ୍ର ତାଙ୍କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ରାଜପାଟରୁ ହଟାଇ କାଶୀଠାରେ ଘୋର କଷ୍ଟକର ଜୀବନ ବିତାଇବାକୁ କହିଲେ । ନିଜର ମହାରାଣୀ ତଥା ପୁତ୍ର ସହିତ ସେ ଦାସ ହୋଇ ମଧ୍ୟ ସତ୍ୟରୁ ବିଚଳିତ ହେଲେ ନାହିଁ । ଏଥିରେ ସଫଳ ହୋଇଥିବା ରାଜା ହରିଶ୍ଚନ୍ଦ୍ର ବହୁପ୍ରଶଂସିତ ହେଲେ ।

ସେହି ସମୟରେ ବିଶ୍ୱାମିତ୍ରଙ୍କ କ୍ରାନ୍ତିକାରୀ ବିଚାରଗୁଡ଼ିକରେ ଜନ୍ମରୁ ଜାତି ସ୍ଥାନରେ କର୍ମରୁ ବର୍ଣ୍ଣ ବ୍ୟବସ୍ଥା ଦେଖିବାକୁ ମିଳିଲା । ମହର୍ଷି ଭୃଗୁଙ୍କ ପୁତ୍ର ଋଷି ଜମଦଗ୍ନିଙ୍କ ପତ୍ନୀ ମହର୍ଷି ବିଶ୍ୱାମିତ୍ରଙ୍କ ପରିବାରର ଥିଲେ, ଯାହାଙ୍କ ପୁତ୍ର ଥିଲେ ମହର୍ଷି ରାମ । ତାଙ୍କ ହାତରେ ସର୍ବଦା ଫାରଶା ଶସ୍ତ୍ର ରହିବା ଯୋଗୁଁ ତାଙ୍କୁ ପରଶୁରାମ କୁହାଗଲା ।

ସେ ଶିବଭକ୍ତ ତଥା ମହାନ୍ ତପସ୍ୱୀ ଥିଲେ । ପିତାଙ୍କ ଆଜ୍ଞାରେ ସେ ମାତାଙ୍କୁ ବଧ କଲେ ଏବଂ ପିତାଙ୍କ ଠାରୁ ବରଦାନ ପାଇଥିଲେ । ସେ ହୈହୟବଂଶୀ କ୍ଷତ୍ରିୟ ରାଜା କାର୍ତ୍ତିକେୟ ଅର୍ଜୁନଙ୍କ ସହସ୍ର ହାତ ସମାନ ବଳଶାଳୀ ଥିଲେ । ନିଜ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ତାଙ୍କୁ କାର୍ତ୍ତିକେୟ ଅର୍ଜୁନଙ୍କୁ ମାରିବାକୁ ପଡ଼ିଥିଲା ତଥା ପରେ କାର୍ତ୍ତିକେୟ ଅର୍ଜୁନଙ୍କୁ ସହଯୋଗ କରିଥିବା ତାଙ୍କ ବଂଶର କ୍ଷତ୍ରିୟମାନଙ୍କ ସହିତ ୨୧ ଥର ଯୁଦ୍ଧ କରିବାକୁ ପଡ଼ିଥିଲା । ଏହାର ପ୍ରାୟଶ୍ଚିତ୍ତ ପରେ ସେ ତପସ୍ୟାରେ ଲୀନ ରହୁଥିଲେ ।

ମହାରାଜ ଜନକଙ୍କ ଧନୁ ଯଜ୍ଞରେ ମହର୍ଷି ବିଶ୍ୱାମିତ୍ରଙ୍କ ସାଙ୍ଗରେ ଆସିଥିବା ରାମ-ଲକ୍ଷ୍ମଣଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା । ରାମଙ୍କ ଶାଳୀନତା ତଥା ସାନ ଭାଇ ଲକ୍ଷ୍ମଣଙ୍କ ନିର୍ଭୀକତାରେ ପ୍ରଭାବିତ ହୋଇ ଶ୍ରୀରାମଙ୍କୁ ନିଜର ଧନୁ ଦେଇ ତପ କରିବା ସକାଶେ ସେ ପୂର୍ବବତ୍ ମହେନ୍ଦ୍ର ପର୍ବତ ଉପରକୁ ଚାଲିଗଲେ ।

ଲକ୍ଷ ଲକ୍ଷ ବର୍ଷର ତ୍ରେତାଯୁଗ ଶେଷରେ ଏହି କଥା ପରେ ଲକ୍ଷ ଲକ୍ଷ ବର୍ଷର ଦ୍ୱାପର ଯୁଗ ଶେଷରେ ମହାରାଜ ଦୁଷ୍ୟନ୍ତଙ୍କ ପୁତ୍ର ଭରତଙ୍କ ବଂଶରେ ମହାରାଜ ଶାନ୍ତନୁଙ୍କ ଔରସରୁ ଗଙ୍ଗବଂଶୀ ରାଜକୁମାରୀଙ୍କ ପୁତ୍ର ଦେବବ୍ରତ ଜନ୍ମଗ୍ରହଣ କରିଥିଲେ । ସେ ଆଜୀବନ ବ୍ରହ୍ମଚର୍ଯ୍ୟର ପ୍ରତିଜ୍ଞା କରିବା କାରଣରୁ ଭୀଷ୍ମ ବୋଲାଇଲେ । ସେ କାଶୀରାଜଙ୍କ ତୃତୀୟ କନ୍ୟା ପକ୍ଷରେ ମହର୍ଷି ପରଶୁରାମଙ୍କ ସହିତ ଯୁଦ୍ଧ କରିଥିବା କଥା ରହିଛି । ଏଥିରେ ସେ ଭୀଷ୍ମଙ୍କ ସହିତ ବୁଝାମଣା କରିଥିଲେ ।

ସେତେବେଳେ ପରଶୁରାମ କେବଳ ବ୍ରାହ୍ମଣମାନଙ୍କୁ ହିଁ ଯୁଦ୍ଧ ବିଦ୍ୟା ଶିଖାଉଥିଲେ, ଯେପରି ଗୁରୁ ଦ୍ରୋଣାଚାର୍ଯ୍ୟ କେବଳ ରାଜକୁମାର ମାନଙ୍କୁ ଯୁଦ୍ଧ ଶିକ୍ଷା ଦେଉଥିଲେ ସେ ବ୍ରାହ୍ମଣ ଥିଲେ ମଧ୍ୟ କ୍ଷତ୍ରିୟମାନଙ୍କୁ ଶସ୍ତ୍ର ସଞ୍ଚାଳନରେ ପାରଙ୍ଗମ କରାଉଥିଲେ । ପାଣ୍ଡବମାନଙ୍କ ମାତା କୁନ୍ତୀଙ୍କର ବିବାହ ପୂର୍ବରୁ ସୂର୍ଯ୍ୟ ଆରାଧନା ଫଳରେ ପୁତ୍ର କର୍ଣ୍ଣଙ୍କର ଜନ୍ମ ହୋଇଥିଲା । ଜଣେ ଶୂଦ୍ର ଘରେ ତାଙ୍କର ପାଳନ ହୋଇଥିବାରୁ ଭେଦଭାବ ଯୋଗୁଁ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ତାଙ୍କୁ ଶିକ୍ଷା ମିଳି ନ ଥିଲା । କର୍ଣ୍ଣ ବ୍ରାହ୍ମଣକୁମାର ସାଜି ମହର୍ଷି ପରଶୁରାମଙ୍କ ପାଖରୁ ଶିକ୍ଷା ଗ୍ରହଣ କରିଥିଲେ ।

ଦିନେ ଗୁରୁ ପରଶୁରାମ ତାଙ୍କ କୋଳରେ ମୁଣ୍ଡ ରଖି ଗଭୀର ନିଦ୍ରାରେ ଶୋଇଥିଲେ । ତାଙ୍କ ନିଦ୍ରାରେ ବିଘ୍ନ ନ ଉପୁଜିବା ପାଇଁ ଗୋଟିଏ ଭ୍ରମରକୁ କର୍ଣ୍ଣ ନିଜ ଜଂଘ ତଳେ ଚାପି ଦେଇଥିଲେ, ଯିଏ ତାଙ୍କ ଜଂଘକୁ କଣା କରିଦେଲା ଓ କର୍ଣ୍ଣଙ୍କ ଜଂଘରୁ ରକ୍ତ ବୋହିବାରେ ଲାଗିଲା । ତଥାପି ସେ ତାହାକୁ ସହ୍ୟ କରିନେଇ ସ୍ଥିର ରହିଲେ ।

ରକ୍ତ ଧାରାର ସ୍ପର୍ଶ ପାଇ ପରଶୁରାମଙ୍କ ନିଦ ଭାଙ୍ଗିଗଲା । ସେ ଭାବିଲେ ଏତେ ସହନଶୀଳ ହୋଇଥିବାରୁ କର୍ଣ୍ଣ ନିଶ୍ଚୟ କ୍ଷତ୍ରିୟକୁମାର ହୋଇଥିବ । ଏଣୁ ଅସତ୍ୟ ବଚନ ପାଇଁ ସେ କର୍ଣ୍ଣଙ୍କୁ ଶାପ ଦେଇ କହିଥିଲେ ଯେ ମୋର ବିଦ୍ୟା ଉପଯୁକ୍ତ ସମୟରେ ତୁମ କାମରେ ଲାଗିବ ନାହିଁ । ମହାଭାରତ ଯୁଦ୍ଧରେ ସେ ଅର୍ଜୁନଙ୍କ ଦ୍ୱାରା ନିହତ ହୋଇଥିଲେ । ସେ ସମୟରେ ମହର୍ଷି ବିଶ୍ୱାମିତ୍ର ଥିବାର ବର୍ଣ୍ଣନ ମିଳେ ନାହିଁ । ତ୍ରେତାର ଶେଷ ଓ ଦ୍ୱାପର ପ୍ରାରମ୍ଭରେ ତାଙ୍କର ଉଲ୍ଲେଖ ମିଳିଥାଏ । ସେ ପୁଷ୍କର କ୍ଷେତ୍ରରେ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କରୁଥିବା ବେଳେ ଦେବରାଜ ଇନ୍ଦ୍ର ଘାବରେଇ ଯାଇ ତାଙ୍କ ତପସ୍ୟା ଭଙ୍ଗ କରିବା ପାଇଁ ଅପସରା ମେନକାଙ୍କୁ ସେଠାକୁ ପଠାଇଥିଲେ । ସେ ମେନକାଙ୍କୁ ବିବାହ କଲେ । ମେନକା ନିଜର କନ୍ୟା ଶକୁନ୍ତଳାଙ୍କୁ କଣ୍ୱ ଋଷିଙ୍କ ଆଶ୍ରମରେ ଛାଡ଼ି ଦେଇ ଯାଇଥିଲେ । ତାଙ୍କ ସହିତ ହାସ୍ତିନାପୁରର ଚନ୍ଦ୍ର ବଂଶୀ ମହାରାଜ ଦୁଷ୍ମନ୍ତଙ୍କର ବିବାହ ହୋଇଥିଲା । ତାଙ୍କ ପୁତ୍ର ଭରତଙ୍କ ନାମ ଅନୁସାରେ ଏ ଦେଶ ଭାରତ ବୋଲାଇଲା ।

ଏହାର ପରବର୍ତ୍ତୀ କଥାଗୁଡ଼ିକରେ ମହର୍ଷି ବିଶ୍ୱାମିତ୍ରଙ୍କର ଉଲ୍ଲେଖ ମିଳେ ନାହିଁ । ଏସବୁ ପୂର୍ବରୁ ମହାରାଜା ଦଶରଥ ଅଯୋଧାରେ ସୂର୍ଯ୍ୟବଂଶୀ ମହାପ୍ରତାପୀ ରାଜା ଥିଲେ, ଯାହାଙ୍କର ବୃଦ୍ଧାବସ୍ଥାରେ ପୁତ୍ରେଷ୍ଟି ଯଜ୍ଞ ଦ୍ୱାରା ଚାରି ଜଣ ପୁତ୍ର ଜନ୍ମ ନେଇଥିଲେ । ବିଶ୍ୱାମିତ୍ର ନିଜ ଆଶ୍ରମରେ ରାକ୍ଷସମାନଙ୍କ ଉତ୍ପାତରୁ ଯଜ୍ଞର ରକ୍ଷା କରିବା ପାଇଁ ବ୍ରହ୍ମର୍ଷି ବଶିଷ୍ଠଙ୍କ ଉଚ୍ଚ ପ୍ରଶଂସା କ୍ରମେ ରାମ-ଲକ୍ଷ୍ମଣଙ୍କୁ ନେଇ ଯାଇଥିଲେ ।

କୁଳଗୁରୁ ବଶିଷ୍ଠ ସେମାନଙ୍କୁ ଯୋଗବାଶିଷ୍ଠର ଜ୍ଞାନ ଦେଇଥିଲେ । ଶାସ୍ତ୍ରାର୍ଥର ଅତିରିକ୍ତ ଅଭ୍ୟାସ ମଧ୍ୟ ସେ କରାଇଲେ । ସେମାନଙ୍କୁ ଅନେକ ଆୟୁଧ ପ୍ରଦାନ କରି ତାଡକା ତଥା ସୁବାହୁଙ୍କର ବଧ କରାଇଥିଲେ । ବିଶ୍ୱାମିତ୍ର ମହାରାଜ ଜନକଙ୍କ ଧନୁ ଯଜ୍ଞ ସ୍ୱୟଂବରକୁ ସେହି ରାଜକୁମାରମାନଙ୍କୁ ନେଇଗଲେ ତଥା ମଝିରେ ଗୌତମ ଋଷିଙ୍କ ପତ୍ନୀ ଅହଲ୍ୟାଙ୍କ କଳଙ୍କର ସମାଧାନ କରାଇ ତାଙ୍କୁ ଶିଳାବତ୍ ପ୍ରତିଷ୍ଠିତ କରାଇଲେ ।

ସେ ଯୁଗକୁ ପରିଷ୍କୃତ କଲେ ଏବଂ ନୂତନ ଦିଶା ପ୍ରଦାନ କଲେ । ବ୍ରହ୍ମର୍ଷି ବିଶ୍ୱାମିତ୍ର ଗାୟତ୍ରୀ ମନ୍ତ୍ରର ଦ୍ରଷ୍ଟା ଅଟନ୍ତି । ସେ ବୁଦ୍ଧିକୁ ପରିଷ୍କୃତ କରି ନୂତନ ମନୁଷ୍ୟ ଏବଂ ନୂତନ ଯୁଗ ଗଢ଼ିବାର ଅଦ୍ଭୁତ ପ୍ରୟାସ କରିଥିଲେ । ଆର୍ଯ୍ୟ ସଂସ୍କୃତିର ଉତ୍ପତ୍ତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା ।

## ଡ଼ିଜିଟାଲ ନିଉଜ...

(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଯେଉଁ ରାଷ୍ଟ୍ରଗୁଡ଼ିକରେ ରାଜନୀତିକ ଧ୍ରୁବୀକରଣ 'ପୋଲାରାଇଜେସନ', ଅର୍ଥାତ କୌଣସି ରାଜନୀତିକ ମତବାଦରେ ଗଭୀରଭାବେ ବିଶ୍ୱାସ କରୁଥିବା ନାଗରିକଙ୍କ ସଂଖ୍ୟା ଅଧିକ, ସେଠାରେ ସମ୍ବାଦ-ବିମୁଖ ମଧ୍ୟ ଅଧିକ ମାତ୍ରାରେ ଦେଖାଦେଇଥାନ୍ତି ।

ସମ୍ବାଦ-ବିମୁଖ ପରିବେଶର କାରଣ ତର୍ଜମା କରିବା ନିମନ୍ତେ ରିପୋର୍ଟରେ ୟୁକ୍ରେନର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ ଡ଼ିଜିଟାଲ ମଞ୍ଚ ଉପଭୋକ୍ତାଙ୍କ ଉଦାହରଣ ବର୍ଣ୍ଣନା କରାଯାଇଛି । ୟୁକ୍ରେନର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ ୟୁକ୍ରେନ ଯୁଦ୍ଧ ସଂପର୍କୀତ ସମ୍ବାଦ ଆହରଣରୁ ଉପଭୋକ୍ତାମାନେ ଦୂରେଇ ରହୁଥିଲେ । ଏହାର ଅର୍ଥ ସେମାନେ ୟୁକ୍ରେନ ଯୁଦ୍ଧ ସଂପର୍କରେ ସମ୍ବେଦନଶୀଳ ନଥିଲେ ବୋଲି କୁହାଯାଇପାରିବ ନାହିଁ । ହୁଏତ ୟୁକ୍ରେନ ଯୁଦ୍ଧ ଅବସ୍ଥା ସଂପର୍କରେ ସୋସିଆଲ ମିଡ଼ିଆ ସମେତ ବିଭିନ୍ନ ଗଣମାଧ୍ୟମ ମଞ୍ଚରେ ପରିବେଷିତ ସମ୍ବାଦ ଆଧାରରେ ପରିସ୍ଥିତି ସଂପର୍କରେ ପୂର୍ଣ୍ଣ ଅବଗତ । ତେଣୁ ଅଧିକ ନକାରାତ୍ମକ ସମ୍ବାଦରୁ ଦୂରେଇ ରହିବାକୁ ପସନ୍ଦ କରିଥାନ୍ତି । ସର୍ବେକ୍ଷଣରେ ୩୯ ପ୍ରତିଶତ ୟୁକ୍ରେନ ଯୁଦ୍ଧ, ୩୮ ପ୍ରତିଶତ ରାଷ୍ଟ୍ରୀୟ ରାଜନୀତି, ୩୧ ପ୍ରତିଶତ ସାମାଜିକ ନ୍ୟାୟ, ୩୦ ପ୍ରତିଶତ ଅପରାଧ ଓ ୨୮ ପ୍ରତିଶତ ବିଶିଷ୍ଟ ବ୍ୟକ୍ତିଙ୍କ ସଂପର୍କରେ ସମ୍ବାଦ ଅଗ୍ରାହ୍ୟ କରୁଥିବା ସୂଚାଇଥିଲେ । ବିଡ଼ମ୍ବନାର ବିଷୟ ଏହିଯେ ପାରମ୍ପରିକ ଭାବେ ସମ୍ପାଦକମାନେ ଏହି ଭଳି ସମ୍ବାଦ ପାଠକୀୟ ଆଦର ଲାଭ କରିବ ବୋଲି ବିଶ୍ୱାସ କରିଆସିଥାନ୍ତି ।

କ୍ରମବର୍ଦ୍ଧିଷ୍ଣୁ ଡ଼ିଜିଟାଲ ସମ୍ବାଦ ମଞ୍ଚରେ ଉପଭୋକ୍ତାଗଣ ସାମ୍ବାଦିକଙ୍କ ଦ୍ୱାରା ପରିବେଷିତ ସମ୍ବାଦ ବଦଳରେ ବିଶିଷ୍ଟ ବ୍ୟକ୍ତି 'ସେଲିବ୍ରିଟି' ଓ ସାମାଜିକ ଗଣମାଧ୍ୟମ ପ୍ରବକ୍ତା 'ସୋସିଆଲ ମିଡ଼ିଆ ଇନଫ୍ଲୁଏନସର'ଙ୍କ ଦ୍ୱାରା ପ୍ରସାରିତ ଉପାଦାନ 'କଣ୍ଟେଣ୍ଟ'କୁ ପ୍ରାଧାନ୍ୟ ଦେଉଛନ୍ତି । ଫେସବୁକ ଓ ଟୁଇଟରରେ ସାମ୍ବାଦିକଙ୍କ ଗୁରୁତ୍ୱ ରହୁଥିବା ସ୍ଥଳେ ଏହି ଦୁଇ ମଞ୍ଚ କ୍ରମଶଃ ସମ୍ବାଦ ପରିବେଷଣରେ ପଛୁଆ । ଟିକଟକ, ଇନଷ୍ଟାଗ୍ରାମ ଓ ସ୍ନାପଚାଟ ଭଳି ମଞ୍ଚ ଲୋକପ୍ରିୟତା ହାସଲ କରୁଥିବା ସ୍ଥଳେ ସେଠି ସାମ୍ବାଦିକଙ୍କ ଗୁରୁତ୍ୱ ଗୌଣ । ସେହିପରି ସମ୍ବାଦ ମଞ୍ଚଗୁଡ଼ିକରେ ସମ୍ପାଦକଙ୍କ ଦ୍ୱାରା ସମ୍ବାଦ ଚୟନ ବଦଳରେ ଯାନ୍ତ୍ରିକ ପଦ୍ଧତିରେ ସମ୍ବାଦ ଚୟନ 'ଆଲଗୋରିଥିମ'କୁ ପସନ୍ଦ କରୁଛନ୍ତି । କାରଣ ପାଠକ ଓ ଦର୍ଶକ ପୂର୍ବରୁ ପଢ଼ିଥିବା ବା ଦେଖିଥିବା ସମ୍ବାଦ ଅନୁଯାୟୀ ଯାନ୍ତ୍ରିକ ପଦ୍ଧତି ସମ୍ବାଦ ପ୍ରକାଶନ କରିଥାଏ । ଏହା ଉପଭୋକ୍ତାଙ୍କ ବ୍ୟକ୍ତିଗତ ରୁଚିକୁ ସୁହାଏ ।

ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ ଡିଜିଟାଲ ମଞ୍ଚର ବିକାଶପରେ ସର୍ବସାଧାରଣରେ ମୁକ୍ତ ମତ ପ୍ରକାଶନ ବୃଦ୍ଧି ପାଇବ । ଏହି ପରିବେଶ ଗଣତାନ୍ତ୍ରିକ ପଦ୍ଧତିର ବିକାଶରେ ସହାୟକ ହେବ । କିନ୍ତୁ ରିପୋର୍ଟରେ ଦର୍ଶାଯାଇଛି ଯେ ଡ଼ିଜିଟାଲ ମଞ୍ଚରେ ମାତ୍ର ୨୨ ପ୍ରତିଶତ ଉପଭୋକ୍ତା ଅଂଶଗ୍ରହଣ କରୁଥିବା ସ୍ଥଳେ ୪୭ ପ୍ରତିଶତ ସମ୍ବାଦ ଚର୍ଚ୍ଚାରୁ ଦୂରେଇ ରହନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ ଭଳି ରାଷ୍ଟ୍ରରେ ୨୦୧୬ ତୁଳନାରେ ୨୦୨୩ରେ ଦଶ ପ୍ରତିଶତ ସମ୍ବାଦ ଚର୍ଚ୍ଚାରେ ସକ୍ରିୟ ଅଂଶଗ୍ରହଣ ହ୍ରାସ ପାଇଛି । ଡ଼ିଜିଟାଲ ସମ୍ବାଦ ମଞ୍ଚରେ ସକ୍ରିୟ ଉପଭୋକ୍ତା ଭାବେ ପୁରୁଷ, ଅପେକ୍ଷାକୃତ ଶିକ୍ଷିତ ଓ ରାଜନୀତିକ ମତବାଦରେ ସମର୍ଥକଙ୍କୁ ଚିହ୍ନଟ କରାଯାଇଥାଏ । ଭାରତରେ ଡ଼ିଜିଟାଲ ସମ୍ବାଦ ମଞ୍ଚରେ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟା ୩୪ ପ୍ରତିଶତ । ଗଣମାଧ୍ୟମ ସମୀକ୍ଷକଙ୍କ ମତରେ 'ରଏଟର ଇନଷ୍ଟିଟିଉଟ ଫର ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ'ର 'ଡ଼ିଜିଟାଲ ନିଉଜ ରିପୋର୍ଟ ୨୦୨୩'ରେ ବର୍ଣ୍ଣିତ ତଥ୍ୟାବଳୀ କ୍ରମବିକଶିତ ଗଣମାଧ୍ୟମ ପରିବେଶର ଚିତ୍ରାଙ୍କନ ମାତ୍ର । ଏହି ଉପକ୍ରମଗୁଡ଼ିକ ସଂପର୍କରେ ଦୀର୍ଘ ଅତୀତରୁ ଆଲୋଚ଼ନା ଜାରୀ ରହିଆସିଥିଲା । ରିପୋର୍ଟ ପ୍ରଭାବରେ ସେଗୁଡ଼ିକର ଦୃଢ଼ୀକରଣ ସମ୍ଭବ ହୋଇଛି । ନୋବେଲ ପୁରସ୍କାର ବିଜୟିନୀ ଫିଲିପାଇନ୍ସ ସ୍ୱାଧୀନ ଡ଼ିଜିଟାଲ ସମ୍ବାଦ ମଞ୍ଚ 'ରାପଲର'ର ପ୍ରତିଷ୍ଠାତା ମାରିଆ ରେସା 'ଡ଼ିଜିଟାଲ ନିଉଜ ରିପୋର୍ଟ ୨୦୨୩' ନିମନ୍ତେ ଆୟୋଜିତ ସର୍ବେକ୍ଷଣର ପଦ୍ଧତି ତ୍ରୁଟିପୂର୍ଣ୍ଣ ଥିବା ଅଭିଯୋଗ ଆଣିଥିଲେ । ଉଲ୍ଲେଖଯୋଗ୍ୟ ବିଷୟ ଏହିଯେ ଫିଲିପାଇନ୍ସରେ 'ରାପଲର'ର ବିଶ୍ୱସନୀୟତା ମାନାଙ୍କ କମ ଥିବା ରିପୋର୍ଟରେ ଦର୍ଶାଯାଇଥିଲା । ମାରିଆ 'ଦି ଗାର୍ଡ଼ିଆନ' ସମ୍ବାଦପତ୍ରକୁ କହିଥିଲେ ଯେ ଫିଲିପାଇନ୍ସ ପ୍ରଶାସନ 'ଡ଼ିଜିଟାଲ ନିଉଜ ରିପୋର୍ଟ ୨୦୨୩' ଆଧାରରେ ତାଙ୍କରି ସମ୍ବାଦ ମଞ୍ଚ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ଶାଣିତ କରିବ ।

କୁହାଯାଏ ଫିଲିପାଇନ୍ସରେ ସରକାରୀ ନୀତି ସମାଲୋଚ଼କମାନଙ୍କୁ ବାମପନ୍ଥୀ, ଦେଶଦ୍ରୋହୀ ଆଖ୍ୟା ଦିଆଯାଇଥାଏ । ଫିଲିପାଇନ୍ସର ଅନୁଭୂତି କ୍ରମଶଃ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରରେ ପ୍ରତିଫଳିତ ହେଉଥିବା ଲକ୍ଷ୍ୟ କରାଯାଏ । ସମାଲୋଚନାକୁ ସମ୍ବାଦ ମଞ୍ଚ ଉପଭୋକ୍ତାମାନେ ଏଣିକି ଗ୍ରହଣ କରୁନାହାନ୍ତି କି ? 'ଡ଼ିଜିଟାଲ ନିଉଜ ରିପୋର୍ଟ ୨୦୨୩'ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସମ୍ବାଦ-ବିମୁଖ ଚଳନ୍ତି ସମୟର ବୃହତ ସମ୍ବାଦ 'ବିଗ ନିଉଜ' ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି । ସକାରାତ୍ମକ ଓ ମୀମାଂସାତ୍ମକ ସମ୍ବାଦ 'ପଜିଟିଭ ଅର ସଲ୍ୟୁସନ-ବେସଡ଼' ଜର୍ଣ୍ଣାଲିଜମ ଉପଭୋକ୍ତାଙ୍କ ପସନ୍ଦ ପାଲଟିଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ।

## ଆଜିର ଚିନ୍ତନ

**ଚ**କ୍ରବର୍ତ୍ତୀ ସମ୍ରାଟ ଭରତ ଭୂମଣ୍ଡଳ ଜିତିବା ପରେ ତାଙ୍କର ଅହଂକାର ହୋଇଗଲା । ସେ ଇନ୍ଦ୍ରଦେବଙ୍କ ପାଖକୁ ଯାଇ କହିଲେ– "ମୁଁ ସଂପୂର୍ଣ୍ଣ ବିଶ୍ୱ ଉପରେ ଆଧିପତ୍ୟ କରିନେଇଛି, ନିଜର କୀର୍ତ୍ତିକୁ ଅମର କରିବା ପାଇଁ ବୃଷଭାଚଳ ପର୍ବତ ଉପରେ ମୋର ନାମ ଅଙ୍କିତ କରିବାକୁ ଚାହୁଁଛି ।" ଇନ୍ଦ୍ରଦେବ ଏଥିପାଇଁ ନିଜର ସ୍ୱୀକୃତି ପ୍ରଦାନ କଲେ । ରାଜା ଭରତ ବୃଷଭାଚଳ ପର୍ବତ ଉପରକୁ ଯାଇ ଦେଖିଲେ ଯେ ପୂରା ପର୍ବତ ଉପରେ ଚକ୍ରବର୍ତ୍ତୀ ସମ୍ରାଟମାନଙ୍କ ନାମ ଲେଖାଯାଇଛି ଏବଂ ଗୋଟିଏ ନାମ ଲେଖିବା ପାଇଁ ବି ଖାଲି ସ୍ଥାନ ନାହିଁ । ସେ ଖିନ୍ନ ହୋଇ ଫେରି ଆସିଲେ ଏବଂ ଇନ୍ଦ୍ରଦେବଙ୍କ ଆଗରେ ନିଜର ବ୍ୟଥା କହିଲେ । ଇନ୍ଦ୍ରଦେବ କହିଲେ– "ଆପଣ ଚିନ୍ତା କରନ୍ତୁ ନାହିଁ ରାଜନ୍ ! ଆପଣ କାହାର ନାମ ଲିଭାଇ ନିଜର ନାମ ଲେଖି ଦିଅନ୍ତୁ । ସହସ୍ର ବର୍ଷରୁ ଏହି ପରଂପରା ଚାଲିଆସୁଛି ।

ଏହା ଶୁଣି ଭରତ କହିଲେ– "ତାହାହେଲେ ଭବିଷ୍ୟତରେ କେହି ମୋର ବି ନାମ ଲିଭାଇ ସେଠାରେ ତା'ର ନାମ ଲେଖିଦେବ ।" ଇନ୍ଦ୍ରଦେବ କହିଲେ- "ଏହି ସମ୍ଭାବନାକୁ ମନା କରି ହେବ ନାହିଁ । କାରଣ ଆଦି କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅସଂଖ୍ୟ ଚକ୍ରବର୍ତ୍ତୀ ସମ୍ରାଟ ହୋଇଛନ୍ତି ଏବଂ ଆଗକୁ ମଧ୍ୟ ହେବେ ।" ଏହା ଶୁଣି ଭରତଙ୍କ ଅହଂକାର ତରଳି ଗଲା ଏବଂ ସେ ଚିନ୍ତା କରିବାକୁ ଲାଗିଲେ ଯେ ଏହି ବିରାଟ ଜଗତରେ ନିଜର ଅସ୍ତିତ୍ୱ କେତେ । ଯେଉଁ କାର୍ଯ୍ୟ ମୁଁ କରିଛି, ତାହା ଯେ କେହି କରି ନ ଥିବେ ଏବଂ ଭବିଷ୍ୟତରେ ମଧ୍ୟ କେହି କରିବେ ନାହିଁ, ଏପରି ବିଚାର କରିବା ସଂଘାତିକ ଭୁଲ । ଦୁନିଆରେ ସର୍ବଦା ବିଭୂତିସଂପନ୍ନ ଜନ୍ମ ନେଇଥାନ୍ତି ଏବଂ ନେଉଥିବେ ମଧ୍ୟ । ଅହଂକାର ଚାଲିଯିବା ପରେ ଭରତଙ୍କ ମନରେ ଏପରି ଶାନ୍ତି ଆସିଲା ଯେ ପ୍ରଥମରୁ କେବେ ସେମିତି ଆସି ନ ଥିଲା ।

ସ୍ୱୀକାର

ବର୍ଷ ୨୭, ସଂଖ୍ୟା- ୨୬, ୨୫ ଜୁନ୍ - ୦୧ ଜୁଲାଇ ୨୦୨୩

# ସମୟର ମୂଲ୍ୟ

'ସମୟ'ର ମୂଲ୍ୟ ଜଗତର ଅଧିକାଂଶ ଦୁର୍ଲଭ ବସ୍ତୁମାନଙ୍କଠାରୁ ମଧ ଅଧିକ । ସମୟ ହେଉଛି ଶ୍ରେଷ୍ଠତମ ମୂଲ୍ୟବାନ ସମ୍ପଦ ଓ ଜଗତର ଜୀବନ । ତା'ର ରୂପ ନାହିଁ, ସେ କିନ୍ତୁ ସମସ୍ତଙ୍କୁ ଗ୍ରାସ କରିପାରେ । ସଂସାରରେ ଜୀବନରୂପକ ସୂତ୍ରକୁ ଯଦି କେହି କାଟି ଦେଉଥାଏ, ତେବେ ସେ ହେଉଛି 'ସମୟ' ରୂପକ ମୂଷିକ । ଆମର ଜୀବନକାଳକୁ ଯଦି ୧୦୦ ବର୍ଷ ଧରାଯାଏ, ତେବେ ମଧ ତାହା ଅନନ୍ତକାଳ ତୁଳନାରେ ଗୋଟିଏ ମୁହୂର୍ତ୍ତ ସହିତ ସମାନ ହେବ ନାହିଁ । ସେଥିରୁ ମଧ ପ୍ରାୟ ୩୫ବର୍ଷ ଚାଲିଯାଏ କେବଳ ଶୟନରେ । ନିତ୍ୟକର୍ମ ସଂପାଦନ କରିବାରେ ପ୍ରାୟ ୧୫ବର୍ଷ ଚାଲିଯାଏ । ଆୟୁଷର ଅବଶିଷ୍ଟ ପ୍ରାୟ ଅର୍ଦ୍ଧେକ ବିତିଯାଏ ଶୈଶବର ଅଜ୍ଞତା ଓ କ୍ରୀଡା କୌତୁକରେ, ଯୌବନାବସ୍ଥାରେ ରମଣୀର କୁହୁକ ଜାଲ ଭିତରେ, କୁଟୁମ୍ବ ଜଞ୍ଜାଳ ଓ ପରିବାର ପ୍ରତିପୋଷଣରେ, ବୃଥା ବାକ୍ୟାଳାପରେ, ପରନିନ୍ଦା ପରଚର୍ଚ୍ଚାରେ, ମିଛ କହିବାରେ, ଅନ୍ୟକୁ ଠକିବାରେ, ସଂଘର୍ଷ କରିବାରେ ଓ କରାଇବାରେ, ଦୁର୍ନୀତି କରି ଓ ଅନ୍ୟର ତଣ୍ଟି ଚିପି ଶୋଷଣ କରି ଅର୍ଥ ସଞ୍ଚିବାରେ ଓ ବାର୍ଦ୍ଧକ୍ୟାବସ୍ଥାରେ ରୋଗଶଯ୍ୟାରେ ।

ସତକର୍ମ କରିବାକୁ, ଭଗବତ ଉପାସନା କରିବାକୁ ସମୟ ମିଳେନାହିଁ । ସାର୍ଥକ ଜୀବନ ନିମନ୍ତେ ଏ' ବିଷୟ ପ୍ରତି ଅଧିକ ଗୁରୁତ୍ୱ ଦେବା ଓ ବିଚାର କରାଯିବା ଉଚିତ୍ । ଯଦି ଦିନରେ ଅଧଘଣ୍ଟାଏ ବି ଭଗବତ୍ ସେବା ଓ ସଂକୀର୍ତ୍ତନରେ, ଅନ୍ୟର ନିସ୍ୱାର୍ଥ ସେବାରେ, ସତସଙ୍ଗରେ କିମ୍ବା ସତଚିନ୍ତାରେ ବିନିଯୋଗ ନକରୁ, ତେବେ ଆମର ଆଧାତ୍ମିକ ଉନ୍ନତି ହେବ କିପରି ଓ ଆମେ ଅମର ଜୀବନ ତଥା ସ୍ୱର୍ଗୀୟ ଶାନ୍ତି ପାଇବା କିପରି ? ସମୟ ଏତେ ମୂଲ୍ୟବାନ ଯେ, ଗୋଟିଏ କ୍ଷଣ ମଧ ବ୍ୟର୍ଥରେ ବ୍ୟୟ କରାଯିବା ଉଚିତ୍ ନୁହେଁ । ଆମେ ବିଚାର କରିବା ଉଚିତ୍, ଆମ ବଞ୍ଚିବା ସମୟ ଏତେ ସ୍ୱଳ୍ପ ଯେ, ତା'କୁ ଈର୍ଷା, ଦ୍ୱେଷ, ତର୍କବିତର୍କ, ସଂଘର୍ଷ ଓ ବିଭିନ୍ନ ଅସାମାଜିକ କର୍ମରେ ବ୍ୟୟ କରିବା ଅନୁଚିତ । କେହି ଯଦି ଧୋକା, ଧମକ ଦିଅନ୍ତି, ଅପମାନିତ କରନ୍ତି, ତାହା ସହିଯିବା ଉଚିତ୍ । କାରଣ ସହନଶୀଳତା ଓ ଧୈର୍ଯ୍ୟର ଫଳ ବହୁତ ମିଠା ହୋଇଥାଏ । ଦୟା ଓ କ୍ଷମା ସବୁଠାରୁ ବଡ ତପସ୍ୟା । କେହି ହୃଦୟରେ ଆଘାତ ଦେଲେ ତାଙ୍କୁ କ୍ଷମା କରିଦେବା ଉଚିତ୍ । କାରଣ ସମୟ ବହୁତ କମ୍ । ଯାତ୍ରା ବହୁତ ଛୋଟ ଆମେ ଏଥିରେ ଯଦି ସମୟ ଅପଚୟ କରିବା, ତେବେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବା ନାହିଁ । ଜୀବନ କ୍ଷୁଦ୍ର, ସମୟ ଧାବମାନ, ସଂସାର ଦୁଃଖମୟ ।

ଜୀବନକୁ ଏପରି ବଞ୍ଚିବା, ଯେପରି ଆମେ ଗଲାପରେ କେହି ଆମପ୍ରତି ଅଭିଯୋଗ କରିବେ ନାହିଁ । ବରଂ ବାରମ୍ବାର ସ୍ମରଣ କରିବେ । ବାସ୍ତବିକ୍ ସମୟ ବଡ ବଳବାନ୍ । ଚାଲିଯିବା ସମୟ ଆଉ ଫେରିଆସିବ ନାହିଁ । ବଡ ପ୍ରଖର ତା'ର ଗତି । ଯେତେବେଳେ 'ଘଣ୍ଟାଏ' ବାଜିଯାଏ, ଆମେ ଜାଣିବା ଯେ, ମରଣ ପାଖେଇ ଆସୁଛି ଓ ଆମ ଜୀବନକାଳରୁ ଗୋଟିଏ ଘଣ୍ଟା କମିଯାଉଛି । ନିଜ ଜନ୍ମଦିନ ଆସିବା ଅର୍ଥ ନିଜ ଆୟୁଷରୁ ଏକବର୍ଷ କମିଯାଉଛି । ତେବେ କେତେବେଳେ ଆମେ ଜୀବନ ଦେବତାଙ୍କ ଦର୍ଶନ ପାଇବା ? ସଂସାରର ଏହି ଜନ୍ମମୃତ୍ୟୁ ଚକ୍ରରୁ ଆମକୁ ଆଉ କେବେ ମୁକ୍ତି ମିଳିବ ? ସତକାର୍ଯ୍ୟ କରିବାକୁ ହେଲେ ସମୟ ଗଡାଇବା ଅନୁଚିତ । କାରଣ ଏ ଜୀବନ ଉପରେ କିଛି ଭରଷା ନାହିଁ । ବାଲ୍ୟକାଳୁ ଧର୍ମଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ, କେ'ଜାଣେ କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ (ଭକ୍ତକବି) । ଆସନ୍ତାକାଲିର ସୂର୍ଯ୍ୟୋଦୟ କେହି ଦେଖିନାହାନ୍ତି । ଦିନପରେ ଦିନ, ମାସପରେ ମାସ, ବର୍ଷପରେ ବର୍ଷ ଗଡିଚାଲିଛି । ଜୀବନ-ପତ୍ର ଝଡିପଡୁଛି । ଯୌବନ-ପୁଷ୍ପ ମଉଳିଯାଉଛି । ତଥାପି ଆମେ ମୋହପରବଶ ହୋଇ ଅନିତ୍ୟ ସଂସାରକୁ ଜାବୁଡି ଧରିଛୁ । ବେଙ୍ଗ ସାପ କବଳରେ ପଡିସାରିଛି । ସାପ ତାକୁ ଅର୍ଦ୍ଧାଧିକ ଗିଳିସାରିଛି । ବେଙ୍ଗର ମୁଣ୍ଡଟି କେବଳ ବାହାରକୁ ଦେଖାଯାଉଛି । ଆଉ ଅଳ୍ପସମୟ ପରେ ସାପ ତାକୁ ସଂପୂର୍ଣ୍ଣ ଗିଳିଦେବ । ତଥାପି ନିର୍ବୋଧ ବେଙ୍ଗ ପୋକଟିକୁ ଖାଇଦେବ ବୋଲି ତା'ର ଲମ୍ବାଜିଭ ବାହାର କରୁଛି । ଆମେ ମଧ ଅବିକଳ ସେହି ବେଙ୍ଗଭଳି କେବେଠାରୁ କାଳର କବଳରେ ପଡିସାରିଲେଣି । ଆଉଅଳ୍ପ କେତୋଟି ମୁହୂର୍ତ୍ତ ମଧରେ ଆମର ସତ୍ତା ଲୋପପାଇଯିବ । ତଥାପି ଆମେ ଇନ୍ଦ୍ରିୟସୁଖଦାୟୀ ବସ୍ତୁ ବିଷୟରେ ବାରମ୍ବାର ଚିନ୍ତାକରୁଛେ । ମୋହମାୟା ଓ ଆସକ୍ତିର ଦାସ ହୋଇଯାଇଛେ । ସମୟର ଚକ୍ର ବଡ ରହସ୍ୟମୟ । ବର୍ତ୍ତମାନ ଅତୀତରେ ପରିଣତ ହୋଇଯାଏ । ଭବିଷ୍ୟତ ବର୍ତ୍ତମାନରେ ପରିଣତ ହୋଇଯାଏ । ଆମେ ଚାଲିଯାଇଥିବା ଅତୀତକୁ ସଂଶୋଧନ କରିପାରିବା ନାହିଁ । ଭବିଷ୍ୟତ ବା ଆଗାମୀ କାଲିର କୌଣସି ସତ୍ତାନାହିଁ । କେବଳ ଆଜିଟି ହିଁ ଆମର । ଗତକାଲିଟି କେବଳ ଏକ ସ୍ୱପ୍ନ । ପ୍ରତ୍ୟେକଟି ମୁହୂର୍ତ୍ତ ବିଶେଷ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକଟି ଦିନ ଗୋଟିଏ ନୂତନପୃଷ୍ଠା ଖୋଲିବା ସହିତ ସମାନ ଏବଂ ପ୍ରତ୍ୟେକଟି ବର୍ଷ ଏକ ନୂତନ ଆଶାର ଅଭ୍ୟାରମ୍ଭ । ଜୀବନର ଅନ୍ତରାଳରେ ଏକ ସୁନ୍ଦର ଓ ପବିତ୍ର ଉଦ୍ଦେଶ୍ୟ ରହିଛି । ସେ' ଉଦ୍ଦେଶ୍ୟଟି ହେଉଛି, ଏକ ଆନନ୍ଦମୟ ଶାଶ୍ୱତ ଜୀବନ ପ୍ରାପ୍ତି । ସେହି ଜୀବନଲାଭ ହିଁ ଏ ଜୀବନର ଉଦ୍ଦେଶ୍ୟ । ତେଣୁ ସେହି ଲକ୍ଷ୍ୟ ଲାଭକରିବା ଉଦ୍ଦେଶ୍ୟରେ ଏ' ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଯେପରି ବିନିଯୁକ୍ତ ହୁଏ, ସେଥପ୍ରତି ସର୍ବଦା ଯତ୍ନଶୀଳ ହେବାକୁ ପଡିବ ।



# ମୋର ଜୀବନ ବ୍ରତ

**ମହାତ୍ମା ଗାନ୍ଧୀ**

**ମୁଁ** କେବଳ ସ୍ୱପ୍ନଦର୍ଶୀ ଆଦୌ ନୁହେଁ । ମୁଁ ହେଉଛି ଜଣେ ବ୍ୟବହାରିକ ଆଦର୍ଶବାଦୀ । ଅହିଂସାର ଧର୍ମଟି କେବଳ ଋଷି ଏବଂ ସାଧୁସନ୍ଥଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ତାହା ସାଧାରଣ ଲୋକମାନଙ୍କ ପାଇଁ ମଧ ଉଦ୍ଦିଷ୍ଟ । ହିଂସା ଯେପରି ପଶୁ ଜଗତର ଏକ ବିଧାନ, ଠିକ ସେହିପରି ଅହିଂସା ହେଉଛି ଆମ ମନୁଷ୍ୟ ଜଗତର ବିଧାନ । ପଶୁ ଭିତରେ ଆତ୍ମା ସୁପ୍ତ ହୋଇ ରହିଥାଏ ଏବଂ ସେ ଦୈହିକ ବଳର ବିଧାନ ବ୍ୟତୀତ ଆଉ ଅନ୍ୟ କୌଣସି ବିଧାନକୁ ଜାଣିନଥାଏ । ମନୁଷ୍ୟ ଭିତରେ ଯେଉଁ ସ୍ୱତନ୍ତ୍ର ସମ୍ମାନ ରହିଛି, ତାହାହିଁ ଏକ ଉଚ୍ଚତର ବିଧାନର ଆନୁଗତ୍ୟ ଦାବି କରିଥାଏ–ଆତ୍ମାର ଶକ୍ତିକୁ ଦାବି କରିଥାଏ ।

ମୋ' ସାଧାରଣ ଜୀବନରେ ଏପରି ଏକାଧିକ ଦୃଷ୍ଟାନ୍ତ ରହିଛି, ଯେତେବେଳେ କି ପ୍ରତିଶୋଧ ନେବାର ଶକ୍ତି ରହିଥିଲେ ମଧ ମୁଁ ସେଥିରୁ ନିବୃତ୍ତ ହୋଇ ରହିଛି ଏବଂ ବନ୍ଧୁମାନଙ୍କୁ ମଧ ସେହିଭଳି କରିବାକୁ ପରାମର୍ଶ ଦେଇଛି । ସେହି ନୀତିଟିର ପ୍ରସାର ଲାଗି ମୋର ଜୀବନ ସମର୍ପିତ ହୋଇ ରହିଛି । ପୃଥିବୀର ସବୁ ମହାନ ଶିକ୍ଷାଦାତା—ଜୋରୋଆଷ୍ଟର, ମହାବୀର, ଡ଼ାନିଏଲ, ଯୀଶୁ, ମହମ୍ମଦ, ନାନକ ଏବଂ ଆହୁରି ଅନେକଙ୍କ ଶିକ୍ଷାରେ ମଧ ମୁଁ ସେହି ଶିକ୍ଷାଟିକୁ ଲାଭ କରିଛି ।

ଅହିଂସା ହେଉଛି ମୋ ବିଶ୍ୱାସର ପ୍ରଥମ ଅନୁଚ୍ଛେଦ । ଏହା ମୋ' ବିଶ୍ୱାସର ମଧ ସର୍ବଶେଷ ଅନୁଚ୍ଛେଦ ।

ଅହିଂସା-ବିଜ୍ଞାନର ମୁଁ ହେଉଛି ଜଣେ ସାମାନ୍ୟ ଆବିଷ୍କାରକ । ଏଥିରେ ଗୁପ୍ତ ହୋଇ ରହିଥିବା ଗଭୀରତାଗୁଡ଼ିକ ବେଳେବେଳେ ମୋତେ ଏବଂ ମୋ' ସହକର୍ମୀମାନଙ୍କୁ ଚକିତ କରି ଦେଇଥାଏ ।

କୌଣସି ସମକକ୍ଷ ନ ଥିବା ସତ୍ୟାଗ୍ରହରୂପୀ ଅସ୍ତ୍ରଟିର ପ୍ରୟୋଗ ବିଷୟରେ ଅତ୍ୟନ୍ତ ସଂଯମଶୀଳଭାବରେ ଦୃଷ୍ଟାନ୍ତ ତଥା ନିର୍ଦ୍ଦେଶ ଦ୍ୱାରା ଶିକ୍ଷା ଦେବାକୁ ମୁଁ ମୋ'ର ବ୍ରତରୂପେ ଗ୍ରହଣ କରିଛି । ଏହି ସତ୍ୟାଗ୍ରହ ହେଉଛି ଅହିଂସା ତଥା ସତ୍ୟର ଏକ ପ୍ରତ୍ୟକ୍ଷ ଅନୁସିଦ୍ଧାନ୍ତ । ଅହିଂସା ବ୍ୟତୀତ ଜୀବନର ଅନେକ ଅନେକ ବ୍ୟାଧିଲାଗି ପ୍ରକୃତରେ ଅନ୍ୟ କୌଣସି ଔଷଧ ନାହିଁ ବୋଲି ଦର୍ଶାଇ ଦେବାକୁ ମୁଁ ବ୍ୟାକୁଳ ଓ ଅଧୀର ହୋଇ ରହିଛି । ଯେତେବେଳେ କୌଣସି ମନ୍ଦ ଆଚରଣ କରିବାକୁ ମୁଁ ସମ୍ପୂର୍ଣ୍ଣ ଭାବରେ ଅସମର୍ଥ ହୋଇପାରିବି ଏବଂ, ଯେତେ଼ କ୍ଷଣିକଭାବରେ ହେଲେ ମଧ, ଯେତେବେଳେ କର୍କଶ କିମ୍ବା ଅହଙ୍କାରପୂର୍ଣ୍ଣ ଆଦୌ କିଛିହେଲେ ମୋ' ଭାବନାର ଜଗତରେ ଅବସ୍ଥାନ କରୁ ନ ଥିବ, ସେତେବେଳେ ଯାଇ, ତା'ପୂର୍ବରୁ ଆଦୌ ନୁହେଁ - ମୋ'ର ଅହିଂସା ସମଗ୍ର ପୃଥିବୀର ସକଳ ହୃଦୟକୁ ଆନ୍ଦୋଳିତ କରିଦେଇପାରିବ । ପାଠକଙ୍କ ପାଖରେ ମୁଁ କୌଣସି ଅସମ୍ଭବ ଆଦର୍ଶ ଅଥବା ପରୀକ୍ଷାକୁ ନେଇ ଆଦୌ ଉପସ୍ଥାପିତ କରିନାହିଁ । ଏହା ହେଉଛି ମନୁଷ୍ୟର ଏକ ସ୍ୱତନ୍ତ୍ର ବିଶେଷାଧାକାର, ତା'ର ଏକ ଜନ୍ମଗତ ଅଧିକାର ।

ସ୍ୱର୍ଗରାଜ୍ୟର ପୁନରାଧିକାର କରିବାକୁ ହିଁ ଆମେ ସେଠାରୁ ବହିଷ୍କୃତ ହୋଇଛୁ । ଯଦି ଏଥିପାଇଁ ସମୟ ଲାଗିବ, ତେବେ ସମ୍ପୂର୍ଣ୍ଣ ସମୟବୃତ୍ତଟି ମଧରେ ତାହାକୁ କେବଳ ଗୋଟିଏ ବିନ୍ଦୁ ବୋଲି ହିଁ କୁହାଯିବ । ଆମର କୋଟି କୋଟି ଦିବସ ବ୍ରହ୍ମଙ୍କର କେବଳ ଗୋଟିଏ ମାତ୍ର ଦିବସ ବୋଲି କହିଥିବା ସମୟରେ ଗୀତାଗ୍ରନ୍ଥର ଦିବ୍ୟ ପରମଗୁରୁ ଅସଲ ସତ୍ୟଟିକୁ ହିଁ ଜାଣିଥିଲେ ।

ଅହିଂସା ମୋ'ର ଭଗବାନ, ସତ୍ୟ ମୋ'ର ଭଗବାନ । ମୁଁ ଅହିଂସାର ଅନ୍ୱେଷଣ କଲାବେଳେ ସତ୍ୟ ''ତୁମେ ତାହାକୁ ମୋ'ର ମଧଦେଇ ଆବିଷ୍କାର କର'' ବୋଲି କହିଥାଏ । ସତ୍ୟର ଅନ୍ୱେଷଣ କଲାବେଳେ ଅହିଂସା ''ତୁମେ ସତ୍ୟକୁ ମୋ'ର ମଧଦେଇ ଆବିଷ୍କାର କର'' ବୋଲି ନିର୍ଦ୍ଦେଶ ଦେଇଥାଏ ।

ଅହିଂସା ମୋ' ସମସ୍ତ ଅସ୍ତିତ୍ୱ ଭିତରେ ଭେଦିକରି ରହିଛି ବୋଲି ମୋର ବିଶ୍ୱାସ । ଅହିଂସା ଓ ସତ୍ୟ ମୋ' ଦେହରେ ଥିବା ଦୁଇ ଫୁସ୍‌ଫୁସ୍ ପରି । ସେମାନଙ୍କ ବ୍ୟତୀତ ମୁଁ ବଞ୍ଚି ହିଁ ପାରିବି ନାହିଁ । ମାତ୍ର, ପ୍ରତ୍ୟେକ ମୁହୂର୍ତ୍ତରେ ହିଁ ମୁଁ ଅଧିକରୁ ଅଧିକ ସ୍ପଷ୍ଟଭାବରେ ଅହିଂସାର ବିପୁଳ ଶକ୍ତି ଏବଂ ମନୁଷ୍ୟର କ୍ଷୁଦ୍ରତା ବିଷୟରେ ଅବହିତ ହେବାରେ ଲାଗିଛି । ଆପଣାର ଅମିତ ସଂବେଦନଶୀଳତା ସତ୍ତ୍ୱେ ଜଣେ ଅରଣ୍ୟବାସୀ ଋଷି ମଧ ସମ୍ପୂର୍ଣ୍ଣଭାବରେ ହିଂସାରୁ ନିଜକୁ ମୁକ୍ତ ରଖିପାରିବେ ନାହିଁ । ସେ ଗ୍ରହଣ କରୁଥିବା ପ୍ରତ୍ୟେକ ନିଃଶ୍ୱାସରେ ହିଁ ତ ସେ କିଛି ନା କିଛି ହିଂସା କରୁଛନ୍ତି ।

ଏହି ଶରୀରରୂପୀ ସଦନ ଭିତରେ ମଧ ହତ୍ୟା ଲାଗି ରହିଛି । କେବଳ ଶରୀରଠାରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଲେ ଯାଇ ମୋକ୍ଷ ତଥା ଶାଶ୍ୱତ ଆନନ୍ଦ ସମ୍ଭବ ହୋଇ ପାରିବ । ତେଣୁ, କେବଳ ମୋକ୍ଷଜନିତ ଆନନ୍ଦକୁ ଛାଡ଼ିଦେଲେ ଆଉ ଯାବତୀୟ ସୁଖ ହେଉଛି କ୍ଷଣସ୍ଥାୟୀ, ଅତ୍ୟନ୍ତ ଅପୂର୍ଣ୍ଣ । ସ୍ଥିତି ଏହିଭଳି ହୋଇଥିବାରୁ, ଆମର ଦୈନନ୍ଦିନ ଜୀବନରେ ଆମକୁ ହିଂସାର କେତେ କେତେ ତିକ୍ତ କଷାୟ ପାନ କରିବାକୁ ପଡୁଛି ।

ସତ୍ୟ ଓ ଅହିଂସା କେବଳ ବ୍ୟକ୍ତିଗତ ଅଭ୍ୟାସର ଏକ ବସ୍ତୁ ହୋଇ ରହିବନାହିଁ, ମାତ୍ର ଆମକୁ ତାକୁ ଗୋଷ୍ଠୀ ତଥା ଜାତିମାନଙ୍କର ଅଭ୍ୟାସର କ୍ଷେତ୍ରକୁ ମଧ ଆଣିବାକୁ ପଡ଼ିବ । ଅନ୍ତତଃ ତାହାହିଁ ମୋ'ର ସ୍ୱପ୍ନ ହୋଇ ରହିଛି । ଏହାର ଉପଲବ୍ଧି ପାଇଁ ପ୍ରୟାସ କରି ମୁଁ ବଞ୍ଚିବି, ସେହି ପ୍ରୟାସ କରୁ କରୁ ମଧ ମରିବି ।

ମୋ'ର ବିଶ୍ୱାସ ମୋତେ ପ୍ରତ୍ୟହ ନୂତନ ନୂତନ ସତ୍ୟକୁ ଆବିଷ୍କାର କରିବାରେ ସାହାଯ୍ୟ କରୁଛି । ଅହିଂସା ହେଉଛି ଆତ୍ମାର ଗୋଟିଏ ଗୁଣ ଏବଂ ତେଣୁ, ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଜୀବନରେ ଯାବତୀୟ ପ୍ରସଙ୍ଗରେ ତାହାର ଅଭ୍ୟାସ କରିବାକୁ ହେବ । ଯଦି ପ୍ରତ୍ୟେକ କ୍ଷେତ୍ରରେ ତାହାର ପ୍ରୟୋଗ କରିନହୁଏ, ତେବେ ତାହାର ଆଉ କୌଣସି ବ୍ୟବହାରିକ ମହତ୍ତ୍ୱ ରହିବ ନାହିଁ ।

ସତ୍ୟ ଓ ଅହିଂସାରେ ରହିଥିବା ମୋ'ର ବିଶ୍ୱାସ ଦିନୁ ଦିନ ବଢ଼ିବାରେ ଲାଗିଛି ଏବଂ ମୁଁ ତାହାକୁ ଜୀବନରେ ଅନୁସରଣ କରିବାଲାଗି ଅବିରାମ ପ୍ରୟାସ କରୁଥିବାରୁ ମୋ' ନିଜର ମଧ ଅନୁକ୍ଷଣ ବୃଦ୍ଧି ହେବାରେ ଲାଗିଛି । ସେଗୁଡ଼ିକ ବିଷୟରେ ମୁଁ ନୂଆ ନୂଆ କେତେ ତାତ୍ପର୍ଯ୍ୟ ଦେଖିପାରୁଛି । ସେଗୁଡ଼ିକୁ ମୁଁ ପ୍ରତ୍ୟହ ନୂତନ ଆଲୋକରେ ଦେଖୁଛି ଏବଂ ସେଗୁଡ଼ିକରୁ ମୋତେ ନୂତନ ଅର୍ଥ ମିଳିଯାଉଛି ।

ମୋ'ର ଜୀବନବ୍ରତ ସଦା ଭ୍ରମଣରତ କୌଣସି ବୀରର ବ୍ରତପରି ନୁହେଁ, ଯିଏକି ଲୋକମାନଙ୍କୁ ଅସୁବିଧାଜନକ ପରିସ୍ଥିତିରୁ ଉଦ୍ଧାର କରିବାର ଲକ୍ଷ୍ୟନେଇ ସବୁ ଜାଗା ଭ୍ରମଣ କରିବାରେ ଲାଗିଥାଏ । ଲୋକମାନେ ସେମାନଙ୍କର ଅସୁବିଧାଗୁଡ଼ିକୁ ନିଜେ କିପରି ସମାଧାନ କରିବେ, ଅତ୍ୟନ୍ତ ବିନମ୍ରତା ସହିତ ମୁଁ ଆପଣାକୁ ଏହି କାର୍ଯ୍ୟରେ ସଂପୃକ୍ତ କରି ରଖି ଆସିଛି ।

ମୋ'ର ସଫଳତା- ମୋ'ର ପ୍ରତିଭାଗୁଡ଼ିକ ପରି ମୋ'ର ଅପୂର୍ଣ୍ଣତା ଏବଂ ବିଫଳତାଗୁଡ଼ିକୁ ମଧ ମୁଁ ଈଶ୍ୱରଙ୍କଠାରୁ ଉପଲବ୍ଧ ହୋଇଥିବା ଏକ ଆର୍ଶୀବାଦ ପରି ଗ୍ରହଣ କରିଛି । ଦୁଇଟିଯାକକୁ ମୁଁ କେବଳ ତାଙ୍କରି ଚରଣରେ ନେଇ ରଖି ଦେଇଛି । ମୋ' ଭଳି ଏକ ଅପୂର୍ଣ୍ଣତାପୂର୍ଣ ଯନ୍ତ୍ରକୁ ସେ ଏପରି ଏକ ଶକ୍ତିଶାଳୀ ପ୍ରୟୋଗ ପାଇଁ କାହିଁକି ବାଛିନେବେ ? ମୁଁ ଭାବୁଛି, ଭଗବାନ ଜାଣିଶୁଣି ଏପରି କରିଛନ୍ତି । ସେ ଦରିଦ୍ର, ମୂକ ଓ ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ କୋଟି କୋଟି ଜନଗଣଙ୍କର ସେବା କରିବାକୁ ଚାହୁଁଥିଲେ । ଜଣେ ପୂର୍ଣ୍ଣ ମନୁଷ୍ୟକୁ ସେହି ଦାୟିତ୍ୱ ଦିଆ ଯାଇଥିଲେ ସେ ସେମାନଙ୍କ ଲାଗି ନୈରାଶ୍ୟର କାରଣ ହୋଇଥାନ୍ତା । ଠିକ୍ ସେହିମାନଙ୍କ ପରି ବହୁ ବିଫଳତା ରହିଥିବା ଜଣେ ବ୍ୟକ୍ତିକୁ ଯେତେବେଳେ ସେମାନେ ଅହିଂସା ଆଡ଼କୁ ଗତିକରିବାର ଦେଖିଲେ, ସେତେବେଳେ ସେମାନଙ୍କର ମଧ ନିଜର ସାମର୍ଥ୍ୟ ଉପରେ ବିଶ୍ୱାସ ଜାତ ହେଲା । ଯଦି ଜଣେ ପୂର୍ଣ୍ଣ ମନୁଷ୍ୟ ଆମର ନେତା ହୋଇ ଆସିଥାନ୍ତା, ତେବେ ଆମେ ତାକୁ ଆଦୌ ଚିହ୍ନି ବି ନଥା'ନ୍ତେ ଏବଂ ତାକୁ ଏକ ଗୁହା ଭିତରକୁ ଚାଲିଯିବାକୁ ବାଧ କରି ଥାଆନ୍ତେ । ହୁଏତ, ମୋ' ପରେ ଯିଏ ଆସିବେ, ସେ ଅଧିକ ପୂର୍ଣ୍ଣ ହୋଇଥିବେ ଏବଂ ତୁମ୍ଭେମାନେ ତାଙ୍କର ସନ୍ଦେଶ ଗ୍ରହଣ କରିବାକୁ ସମର୍ଥ ମଧ ହେବ ।।

# ହିତକାରୀ କ୍ୟାପସିକମ୍

**କ୍ୟା**ପ୍‌ସିକମ୍‌କୁ ବିଲାତି ଲଙ୍କା ମଧ କୁହାଯାଏ । କ୍ୟାପ୍‌ସିକମ୍‌କୁ ଉଭୟ ଆମିଷ ଓ ନିରାମିଷରେ ବ୍ୟବହାର କରାଯାଏ । ଲାଲ୍, ସବୁଜ ଓ ହଳଦୀ ଆଦି ବିଭିନ୍ନ ରଙ୍ଗର



କ୍ୟାପ୍‌ସିକମ୍ ଚାଷ କରାଯାଉଛି । ପ୍ରତ୍ୟେକ ରଙ୍ଗର କ୍ୟାପ୍‌ସିକମ୍‌ରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।

କ୍ୟାପସିକମ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଏ' ଭିଟାମିନ୍ 'କେ', ଫାଇବର ଓ ବିଟା କ୍ୟାରୋଟିନ୍ ଭରପୁର ମାତ୍ରାରେ ରହିଛି । କ୍ୟାପସିକମରେ କେବଳ ଭିଟାମିନ୍ ନୁହେଁ, ବହୁ ସ୍ୱାସ୍ଥ୍ୟୋପଯୋଗୀ ଗୁଣ ମଧ ରହିଛି ।

ଆବୁ ପାଇଁ ଫଳପ୍ରଦ : ଯଦି ଆପଣ ଗାଠିଆର ଶିକାର ହୋଇଛନ୍ତି ତେବେ କ୍ୟାପସିକମ୍ ଖାଇବା ଆପଣଙ୍କ ପାଇଁ ଲାଭଦାୟକ । କ୍ୟାପସିକମ୍‌ରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ରହିଥାଏ, ଯାହାକି କ୍ୟାନସର ରୋଗ ପାଇଁ ବେଶ୍ ଫଳପ୍ରଦ । ସଲଫର ଓ ଲାଇକୋପିନ୍ ରହିଥିବାରୁ ଏହା କ୍ୟାନସର ଭୟକୁ କମ୍ କରିଥାଏ ।

ଆଇରନ୍ ଯୋଗାଏ : କ୍ୟାପସିକମ୍‌ରେ ଭିଟାମିନ୍ ସି' ତଥା ଆଇରନ ରହିଛି । ରକ୍ତହୀନତାରୁ ରକ୍ଷା ପାଇବା ପାଇଁ କ୍ୟାପସିକମ୍ ଖାଇବା ଉଚିତ ।

# ସ୍ୱର୍ବେଦ

**ପଞ୍ଚମ ଅଧ୍ୟାୟ**

**ପରମ ପୁରୁଷ କା ନାମ ନହିଁ, ମନ କଳ୍ପିତ ସବ ନାମ ।**
**ସାରଶବ୍ଦ ନିଃଶବ୍ଦ ହୈ, ଅନୁଭଓ୍ୱ ସୈନ ଅନାମ ।।୦୧।।**

ଭାଷ୍ୟ - ପରମ ପୁରୁଷଙ୍କର କୌଣସି ନାମ ନାହିଁ । ଯେଉଁ ବାଚକ ନାମ ଅଛି, ସେ ସମସ୍ତ ମନର କଳ୍ପନା ମାତ୍ର । ସାରଶବ୍ଦ, ନାମ ନୁହେଁ, ତାହା ଅବାଚ୍ୟ, ନିଃଶବ୍ଦ, ପରମ ପୁରୁଷ, ସଦ୍‌ଗୁରୁ ସଂକେତ ଭେଦ ରହସ୍ୟ ଦ୍ୱାରା ଅନୁଭବରେ ପ୍ରାପ୍ତ ହୋଇଥାଏ ।

**ଜ୍ଞାନ ଏକ ପୁସ୍ତକ ଚଲେ, ଚଲ ରହସ୍ୟ ଗୁରୁ ଜ୍ଞାନ ।**
**ଗୂଢ଼ ତତ୍ତ୍ୱ ଗୁରୁ ଭେଦ ହୈ, ବୋଧ ଶିଷ୍ୟ ଗୁରୁ ମାନ ।।୦୨।।**

ଭାଷ୍ୟ - ଜ୍ଞାନର ଧାରା ଦୁଇ ପ୍ରକାରେ ଚାଲିଥାଏ - ପ୍ରଥମଟି ପୁସ୍ତକୀୟ ଏବଂ ଦ୍ୱିତୀୟଟି ଗୁରୁମୁଖୀ । ଯାହା ଗୁରୁଭେଦ, ସାଧନ ଅନୁଭବ ଦ୍ୱାରା ଧାରା ଚାଲିଥାଏ, ତାହା ଗୁରୁମୁଖୀ ଅଟେ । ଆଧ୍ୟାତ୍ମିକ ଅନୁଭବ ଗୂଢ଼ ରହସ୍ୟର ବୋଧ ପୁସ୍ତକରୁ ହୋଇ ନ ଥାଏ । ବ୍ରହ୍ମନିଷ୍ଠ




ସଦ୍‌ଗୁରୁଙ୍କର କୃପା ଦ୍ୱାରା ବ୍ରହ୍ମବିଦ୍ୟା ଅନୁଭବ ତତ୍ତ୍ୱର ବୋଧ ହୋଇଥାଏ, ସେଥିପାଇଁ ସଦ୍‌ଗୁରୁ ଦ୍ୱାରା ଅନୁରାଗୀ, ଅଧିକାରୀ ଶିଷ୍ୟ ଗୁରୁ ମର୍ଯ୍ୟାଦାର ପାଳନ କରି ବ୍ରହ୍ମବିଦ୍ୟାର ଅନୁଭବୀ ତତ୍ତ୍ୱଗୁଡ଼ିକର ବୋଧ ପ୍ରାପ୍ତ କରିଥାନ୍ତି ଏବଂ ଗୁରୁ ପ୍ରସାଦରୁ ଅନ୍ତର ପ୍ରବେଶ କରି ଅନୁଭବଗମ୍ୟ ପରମାନନ୍ଦର ଉପଭୋଗ କରିଥାନ୍ତି । ସଦ୍‌ଗୁରୁ ଦିବ୍ୟଲୋକନରୁ ହିଁ ପରମ ପ୍ରକାଶ ପ୍ରାପ୍ତିର ଭେଦ ରହସ୍ୟ ସ୍ପଷ୍ଟ ହୋଇଥାଏ ଓ ଆତ୍ମିକ ଶକ୍ତି ବିଶେଷ ପ୍ରଦେଶରେ ପହଞ୍ଚ ଉଚ୍ଚ ଧ୍ୟେୟକୁ ପ୍ରାପ୍ତ କରିଥାଏ । ସ୍ୱୟଂ ସାଧନ କରି ବ୍ରହ୍ମବିଦ୍ୟାର ଅନୁଭବୀ ତତ୍ତ୍ୱ ଗୁଡ଼ିକର ପ୍ରାପ୍ତି ହୋଇ ନ ଥାଏ । ସେଥି ନିମନ୍ତେ ବ୍ରହ୍ମନିଷ୍ଠ ସଦ୍‌ଗୁରୁଙ୍କର ଶରଣ ଓ ତାଙ୍କର ଦିବ୍ୟ ଦୃଷ୍ଟିର ଅତ୍ୟନ୍ତ ଆବଶ୍ୟକତା ରହିଛି । ଏହା ଯଥାର୍ଥ, ସ୍ୱୟଂ ଅନୁଭୂତିର ବିଷୟ ଅଟେ । ଏହା ବୁଦ୍ଧି ଦ୍ୱାରା ତର୍କ ଅଥବା ବିଚାର କରି ନିଶ୍ଚିତ କରିବାର ବସ୍ତୁ ନୁହେଁ ।

**ସାରଶବ୍ଦ ନହିଁ ନାମ ହୈ, ୟହ ତୋ ପୁରୁଷ ସ୍ୱରୂପ ।**
**ଅକଥ ଅଲୌକିକ ତତ୍ତ୍ୱ ହୈ, କହନ ସୁନନ ଭ୍ରମ ରୂପ ।।୦୩।।**

ଭାଷ୍ୟ - ସାରଶବ୍ଦ ପରମ ପୁରୁଷଙ୍କର ନାମ ନାହିଁ, ଏହା ତାଙ୍କର ସ୍ୱରୂପ ମାତ୍ର । ଏହା ଅପ୍ରାକୃତିକ, ଅକଥନୀୟ ତତ୍ତ୍ୱ ଅଟେ । ବାଣୀ ଦ୍ୱାରା କହିବା ଆଉ କାନ ଦ୍ୱାରା ଶୁଣିବା ଫଳରେ ଯେଉଁ ରୂପର ନିଶ୍ଚୟ ହୋଇଥାଏ, ତାହା ଭ୍ରମ ଏବଂ ଅଜ୍ଞାନତାର ରୂପ ଅଟେ । ଅବାଚ୍ୟ, ପ୍ରକୃତିପାର ଯେଉଁ ସତ୍ତାମାନଙ୍କର ନିରୂପଣ ଇନ୍ଦ୍ରିୟମାନଙ୍କ ଦ୍ୱାରା ହୋଇଥାଏ । ମାତ୍ର ସେ ସମସ୍ତ ପ୍ରକୃତି ଭ୍ରମଯୁକ୍ତ ସ୍ୱରୂପ ଅଟେ, ସତ୍ୟ ନୁହେଁ ।

**ଜଡ଼ ଚେତନ କା ସାର ହୈ, ନାମ ରୂପ କା ସାର ।**
**କ୍ଷର ଅକ୍ଷର କା ସାର ହୈ, ସାର ମେଁ ସାର ଓ୍ୱଚାର ।।୦୪।।**

ଭାଷ୍ୟ - ସେହି ସାରଶବ୍ଦ ସମସ୍ତ ଜଡ଼ ତଥା ଚେତନ ଚରାଚର ନାମରୂପ କ୍ଷର ଜଗତର ତଥା ଆଦି ଅକ୍ଷରର ଆଧାରଭୂତ ମୂଳତତ୍ତ୍ୱ ଅଟେ ।

**ନିଃତତ୍ତ୍ୱ ନିଃଶବ୍ଦ ହୈ, ସକଲ ଶବ୍ଦ କା ସାର ।**
**ସାରଶବ୍ଦ ଯାତେ କହେଁ, ଅନୁଭଓ୍ୱ ଭେଦ ଅଧାର ।।୦୫।।**

ଭାଷ୍ୟ - ନିଃଶବ୍ଦ ସାରଶବ୍ଦ ନିଃତତ୍ତ୍ୱ ଅଟନ୍ତି ଅର୍ଥାତ୍ ସେହି ପ୍ରାକୃତିକ ନାମରୂପ ଶୂନ୍ୟ ଅନୁଭବଗମ୍ୟ ଏବଂ ଅବାଚ୍ୟ ଅଟନ୍ତି । ଅନୁଭବ ଭେଦ ରହସ୍ୟ ଦ୍ୱାରା ସେହି ସାରଶବ୍ଦଙ୍କର ପ୍ରାପ୍ତି ହୁଏ ଓ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ହୋଇଥାଏ । ଅନୁଭବ ଭେଦ ଦ୍ୱାରା କ୍ଷର ଅକ୍ଷରପାର ଅନୁଭବ ହେବା ଫଳରେ ଏବଂ ସମସ୍ତଙ୍କ ସାର, ମୂଳାଧାର ହେବା ଫଳରେ ପରବ୍ରହ୍ମଙ୍କୁ ସାରଶବ୍ଦ ବୋଲି କହନ୍ତି ।

# ବିଶ୍ୱକୁ ଭାରତୀୟ ସଂସ୍କୃତିର ଦାନ

ଭାରତୀୟ ସଂସ୍କୃତି ବିଶ୍ୱକୁ ଅଗଣିତ ଅନୁଦାନ ଦ୍ୱାରା ଅନୁପ୍ରାଣିତ କରିଛି । ଭାରତୀୟ ସଂସ୍କୃତିର ମୂଳ ତାହାର ବୌଦ୍ଧିକ ଓ ରଚନାତ୍ମକ କ୍ଷମତା ଅଟେ । ଏହି କାରଣରୁ ଏହାର ବ୍ୟବହାର ଏକ ଜୀବନ୍ତ ବ୍ୟବସ୍ଥା ଭଳି ହୋଇଥାଏ । ସମୟ ସମୟରେ ଏହା ଆତ୍ମମନ୍ଥନ ମାଧ୍ୟମରେ ସ୍ୱୟଂକୁ ପରିଷ୍କୃତ କରିଛି । ଏହି ତତ୍ତ୍ୱ ଆମର ରାଷ୍ଟ୍ର ଓ ରାଷ୍ଟ୍ରୀୟତାକୁ ସମୃଦ୍ଧ କରିଥାଏ ।

ରାଷ୍ଟ୍ର ସର୍ବୋପରି । ରାଷ୍ଟ୍ରର ସଂବର୍ଦ୍ଧନ, ପୋଷଣ ଓ ସଂରକ୍ଷଣ ପ୍ରତ୍ୟେକ ନାଗରିକର ଦାୟିତ୍ୱ ହୋଇଥାଏ । ଭାରତୀୟ ରାଷ୍ଟ୍ରର କଳ୍ପନା ରାଜନୀତିକ ଏବଂ ଆର୍ଥିକ ଅଧିକାର ମଧ୍ୟରେ ସୀମିତ ନୁହେଁ । ଏହା ନିତାନ୍ତ ସାଂସ୍କୃତିକ । ଆମର ସଭ୍ୟତା ଓ ସମାଜ ଶାଶ୍ୱତ ଏବଂ ସନାତନ । ସଂସ୍କୃତି ବିନା ଆମେ କୌଣସି ପ୍ରକାର ମର୍ଯ୍ୟାଦା ପ୍ରତିପାଦନ କରି ପାରିବା ନାହିଁ । ସାଂସ୍କୃତିକ ତତ୍ତ୍ୱଗୁଡ଼ିକୁ ଅଲଗା ଅଲଗା କରି ଦେଖାଯିବା ଅସମ୍ଭବ । ଭାରତର ଜାତୀୟ ଏକାତ୍ମକୁ ମଜଭୁତ କରିବାରେ ଭାରତୀୟ ସଂସ୍କୃତି ଏକମାତ୍ର ଭୂମିକା ନିର୍ବାହ କରିଛି ଏବଂ ଆଗକୁ ମଧ ନିର୍ବାହ କରୁଥିବ । ଅନ୍ୟ ଦେଶଗୁଡ଼ିକର ସଭ୍ୟତାର ମୂଳରେ ବିଶାଳ କାଳଖଣ୍ଡରୁ ମିଳୁଥିବା ପୁଷ୍ଟତା ନ ଥାଏ । ଏ ଦେଶର ସାଂସ୍କୃତିକ ସ୍ଥିତି ଅତ୍ୟନ୍ତ ପୁରୁଣା । ସବୁ ଧର୍ମର ଉଦ୍‌ଗମ ସମୟକୁ ଏକୀକୃତ କରିଦେଲେ ମଧ ଏଠାକାର ସାଂସ୍କୃତିକ ଆଦିର ସମଗ୍ର କାଳର ଗଣନା ସହିତ ତାହାର ତୁଳନା ସମ୍ଭବ ନୁହେଁ ।

ଭାରତୀୟ ସଂସ୍କୃତି ଅତ୍ୟନ୍ତ ସମୃଦ୍ଧ । ଏହାର ସମରସତା ଅଦ୍‌ଭୁତ । ଦୁନିଆର ଅନ୍ୟ ସଭ୍ୟତାଗୁଡ଼ିକ ନିଜର ବାଲ୍ୟାବସ୍ଥାରେ ଥିବା ବେଳେ ଭାରତୀୟ ସମାଜ ନିଜର ଚିରଯୌବନରେ ଦେଦୀପ୍ୟମାନ ଥିଲା । ଭାରତୀୟ ସଂସ୍କୃତି ଏହି ସୃଷ୍ଟିର ଏକମାତ୍ର ସଂସ୍କୃତି, ଯାହା ସର୍ବଦା ନିଜର ଯୌବନ କାଳ ହିଁ ଦେଖିଛି । ସମଗ୍ର ଦୁନିଆର ଅନ୍ଧକାରକୁ ଦେଦୀପ୍ୟମାନ କରିବାର କ୍ଷମତା ରଖୁଥିବା ଏହି ସଂସ୍କୃତି ଅପସଂସ୍କୃତି ସମୟରେ ମଧ ନିଜର ଓଜସ୍ୱିତାକୁ ବଜାୟ ରଖି ପାରିଛି ।

ସଂସ୍କୃତିର ସରିତାର ପାଟ ଏତେ ବିସ୍ତୃତ ହୋଇଥାଏ ଯେ ସେଥିରେ ବିଭିନ୍ନ ଧର୍ମର ଧାରାଗୁଡ଼ିକ ଏକ ସଙ୍ଗେ ସମାହିତ ହୋଇଯାଏ, କିନ୍ତୁ ନଦୀର ମୌଳିକ ସ୍ୱରୂପରେ ପରିବର୍ତ୍ତନର ସମ୍ଭାବନା ଅଳ୍ପ ବା ନଗଣ୍ୟ ହୋଇଥାଏ ।

ମାନବ ସଭ୍ୟତାରେ ଅପସଂସ୍କୃତିର କଳ୍ପନା ଦୁସହ୍ୟ । ସଂକୀର୍ଣ୍ଣ ବିଚାରଧାରା ସର୍ବଦା ଏହାକୁ ଆଗରେ ରଖିବାର ଚେଷ୍ଟା କରିଛି, କିନ୍ତୁ ଏ ଦେଶର ମାଟି ତାହାକୁ ସ୍ଥାନ ଦେଇ ନାହିଁ । ଇତିହାସର ପୃଷ୍ଠା ଓଲଟାଇଲେ ଭାରତୀୟ ସମାଜ ୟୁନାନୀ, ହୁଣ, ଆରବୀ, ମଙ୍ଗୋଲ, ମୋଗଲ ଆକ୍ରମଣ ସମୟରେ ମଧ ଅତୁଳନୀୟ ଥିବା କଥା ଆମେ ଜାଣି ପାରିବା ।

ଭାରତୀୟ ସମାଜ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦେଶୀ ଆକ୍ରମଣକାରୀଙ୍କ ଆଘାତ ସହ୍ୟ କରିଛି । ଏହି ସହିଷ୍ଣୁତା ଓ ସହନଶୀଳତା ଆମର ଆଧାର । ଏହି ଜ୍ଞାନ ଓ ଶକ୍ତି ଦ୍ୱାରା ସାରା ଦୁନିଆ ପ୍ରକାଶମାନ ହେଉଥିଲା । ଏଠାରେ ନିଜର କୌଣସି ସ୍ଥାୟୀ ପରିଚୟ ସୃଷ୍ଟି କରିବା ପାଇଁ ଭାରତୀୟ ସମାଜ ଉପରେ ବିଦେଶୀ ଆକ୍ରମଣ ହୋଇ ନ ଥିଲା ।

ବିଦେଶୀ ଆକ୍ରମଣକାରୀମାନେ ଭାବୁଥିଲେ ଯେ ସେମାନେ ଏ ଦେଶକୁ ଲୁଟୁଛନ୍ତି, କିନ୍ତୁ ଏଠାରୁ ଯିବା ସମୟରେ ସେମାନେ କିଛି ସାଂସ୍କୃତିକ ବିଚାରକୁ ମଧ ନିଜ ସାଙ୍ଗରେ ନେଇ ଯାଇଥିଲେ । ପରେ ଏଇ ଦୁନିଆ ଏଭଳି ଧର୍ମଗୁଡ଼ିକର ଉଦ୍‌ଭବ ମଧ ଦେଖିଲା, ଯାହାର ମୂଳ ସେହି ଦେଶର ନ ଥିଲା ।

ଭାରତୀୟ ସଂସ୍କୃତିର ସୁଗନ୍ଧିତ କଳିକାଗୁଡ଼ିକର ମହକ ଠାରୁ ସଂସାର ଅସ୍ପର୍ଶ ରହିଲା ନାହିଁ । ବର୍ତ୍ତମାନ ହିଁ କାଲିର ଇତିହାସ ହୋଇଥାଏ । ଭାରତବର୍ଷରେ ଜାତୀୟତା ମଧ ସଂସ୍କୃତିର ଗର୍ଭରୁ ହିଁ ଉତ୍ପନ୍ନ ହୋଇଥିଲା । ସମୟ ସମୟରେ ବିଭିନ୍ନ ଧାର୍ମିକ ବ୍ୟକ୍ତିତ୍ୱ ଏହାର ଉନ୍ନାୟକ ହୋଇଥିଲେ । ରାମଙ୍କ ପ୍ରତି ମହାତ୍ମା ଗାନ୍ଧିଙ୍କର ଆସ୍ଥା ଥିବା କଥା ସମ୍ପର୍କରେ ଏଠାକାର ଲୋକେ ଉତ୍ତମ ରୂପେ ପରିଚିତ ।

ଭଗବାନ ରାମଙ୍କ ବିନା ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ନିରୂପଣ କରାଯାଇ ନ ପାରେ । ସେ ଏ ଦେଶର ବୌଦ୍ଧିକ ଓ ଆଧ୍ୟାତ୍ମିକ ଉର୍ଦ୍ଧ୍ୱ ଅଟନ୍ତି, ଯାହାର ସଞ୍ଚାର ଦ୍ୱାରା ଏଠାକାର ପ୍ରତ୍ୟେକ ନାଗରିକ ଓତପ୍ରୋତ, ତେଣିକି ସେ ଯେକୌଣସି ଧର୍ମ ବା ସମ୍ପ୍ରଦାୟର ହୋଇଥାଉ ନା କାହିଁକି । ଯିଏ ବି ଆମ ଦେଶରେ ଅନ୍ୟାୟପୂର୍ଣ୍ଣ ଢଙ୍ଗରେ ଶାସନ ସ୍ଥାପନ କରିବାର ଚେଷ୍ଟା କରିଛି ଦିନେ ତା'ର ଅନ୍ତ ଅବଶ୍ୟ ହୋଇଛି ।

ସୁନେଲି ଭବିଷ୍ୟତର ନିର୍ମାଣ ସର୍ବଦା ଗୌରବମୟ ଅତୀତର ମୂଳଦୁଆ ଉପରେ ହୋଇଥାଏ । ଭାରତର ଅତୀତ ଅତ୍ୟନ୍ତ ଗୌରବଶାଳୀ ଥିଲା । ସେଥିପାଇଁ ଏହାର ପ୍ରକାଶମାନ ଭବିଷ୍ୟତ ଉପରେ କାହାର ସନ୍ଦେହ ନାହିଁ । ରାମ ଓ କୃଷ୍ଣ ଏହି ସାଂସ୍କୃତିକ ପ୍ରତିଷ୍ଠାର ପ୍ରତୀକ ।

ଗତ ଦୁଇ ଦଶକ ମଧ୍ୟରେ ଭାରତୀୟ ସମାଜ ଅନେକ ବଡ଼ ସାଂସ୍କୃତିକ ଓ ରାଜନୀତିକ ଆନ୍ଦୋଳନ ଦେଖିଛି । ଭାରତୀୟ ସର୍ବଦା ପରିବର୍ତ୍ତନର ଏକ ସ୍ଥାନ ମିଳିଛି ।

ଏ ଦେଶରେ କୌଣସି ବି ଆନ୍ଦୋଳନ ବିଶୁଦ୍ଧ ରୂପେ ରାଜନୀତିକ ନୁହେଁ । ଏହାର କାରଣ ମଧ ଭାରତୀୟ ସଂସ୍କୃତିରେ ଲୁଚି ରହିଛି । ଆମେ ସବୁ ସେହି ଦିନର ପ୍ରତୀକ୍ଷା କରୁଛୁ ଯେତେବେଳେ ଭାରତୀୟ ସଂସ୍କୃତିର ଉନ୍ନାୟକ ବୌଦ୍ଧିକ ବିଚାର ଯୁକ୍ତ ମହାତ୍ମା ବୁଦ୍ଧ, ଗାନ୍ଧୀ, ବିବେକାନନ୍ଦଙ୍କ ମହତ୍ତମ ଭାବନା ଦ୍ୱାରା ଦେଶର କଣ କଣ ସିଞ୍ଚିତ ହେବ ।

ଭାରତୀୟ ସଂସ୍କୃତିର ଆଧାର ଆଧ୍ୟାତ୍ମିକ । ଅଧ୍ୟାତ୍ମ ଆମର ଅସ୍ତିତ୍ୱ ଓ ଭାବନାଗୁଡ଼ିକ ସହିତ ସମ୍ବନ୍ଧିତ । ଏହା ଚିରନ୍ତନ ଓ ଶାଶ୍ୱତ । ଏହାର ବିଚାର କାଳଜୟୀ । ଏହା ପରିସ୍ଥିତିବଶତଃ ଧୂମିଳ ହୋଇପାରେ, କିନ୍ତୁ ବିନଷ୍ଟ ହୋଇ ନ ପାରେ । ଏହି କାରଣରୁ ଅତୀତର ସଂଘର୍ଷରେ ଏହା ସ୍ୱୟଂକୁ ଜୀବନ୍ତ ରଖିଲା ।

# ହୃଦ୍‌ଘାତ ରୋଗ ଆଶଙ୍କା କମାଏ ଭିଟାମିନ୍ 'ସି'

ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇଲେ ତାହା ହୃଦ୍‌ଘାତ ଆଶଙ୍କା କମାଇ ଦେଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି । ଏ ସମ୍ପର୍କିତ ବିଷୟବସ୍ତୁକୁ ନେଇ ଡେନମାର୍କର ହୃଦରୋଗ ବିଶେଷଜ୍ଞମାନେ ଗବେଷଣା କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ଭିଟାମିନ୍ ସି'ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ରୋଗର ଲକ୍ଷଣ କମ୍ ଦେଖିବାକୁ ମିଳିଥିଲା ।



ଭିଟାମିନ୍ ସି' ହେଉଛି ଏକ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ । ଏହା ସୁସ୍ଥ କୋଷକୁ ସୁରକ୍ଷିତ ରଖିଥାଏ । କେବଳ ସେତିକି ନୁହେଁ, ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି କରିଥାଏ । ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ଆମ୍ବ, ଅମୃତଭଣ୍ଡା, ସପୁରି, ଷ୍ଟ୍ରବେରି, ତରଭୁଜ, ପୋଇ, କୋବି, ଆଳୁ ଆଦିରେ ଭିଟାମିନ୍ 'ସି'ଭରି ରହିଛି ।

# ଅତ୍ୟଧିକ କଲରା ସେବନ ହାନିକାରକ

କୁହାଯାଏ କଲରା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ଲାଭଦାୟୀ । କିନ୍ତୁ ବର୍ତ୍ତମାନ ଜଣାପଡ଼ିଛି ଏହା ଆବଶ୍ୟକତାଠୁ ଅଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ମଧୁମେହ ରୋଗୀ ଅଧିକ କଲରା ସେବନ କରିବା ଦ୍ୱାରା ପିତ୍ତକୋଷ ଉପରେ କୁପ୍ରଭାବ ପଡ଼ିଥାଏ । ଏପରିକି ଗର୍ଭବତୀ ମହିଳା ଯଦି ଆବଶ୍ୟକଠୁ ଅଧିକ କଲରା ସେବନ କରନ୍ତି, ତେବେ ଗର୍ଭସ୍ଥ ଶିଶୁର ଶାରୀରିକ ଅବସ୍ଥା ସଙ୍କଟାପନ୍ନ ହେବାର ସମ୍ଭାବନା ଥାଏ । କାରଣ ଅଧିକ କଲରା ଖାଇଲେ ଯକୃତ ଉପରେ କୁପ୍ରଭାବ ପଡ଼ିଥାଏ । ଏଥିରେ ଏନଜାଇମ୍ ବଢ଼ିଯାଇଥାଏ ।



## ଟିକିଏ ହସନ୍ତୁ

**ସ୍ତ୍ରୀ ସ୍ୱାମୀଙ୍କୁ :** ହେଇଟି ଶୁଣୁଛ ତମେ ଟିକେ ପୂଜା କରିବାରେ ମନ ଦିଅ । ଦେଖିବ ସବୁ ସମସ୍ୟା ଟଳିଯିବ ।
**ସ୍ୱାମୀ :** ତମ ବାପା ବୋଧେ ବହୁତ ପୂଜା କରୁଥିଲେ । ସେଥିପାଇଁ ତାଙ୍କର ଟଳିଗଲା । ଆଉ ମୋ ପାଖକୁ ଚାଲି ଆସିଲା ।

× × ×

**ରାଜୁ ଚାକରକୁ :** ଆକାଶରେ ସୂର୍ଯ୍ୟ ଆସିଲେଣି କି ନାହିଁ ଦେଖିଲୁ ।
**ଚାକର :** ବାହାର ବହୁତ ଅନ୍ଧାର ଅଛି ଆଜ୍ଞା ।
**ରାଜୁ :** ତୁ କାମ ଚୋର ହିଁ ରହିବୁ । ଟର୍ଚ୍ଚ ଜଳେଇକି ଟିକେ ଦେଖ ।

× × × × ×

ମୋହନ ଦିନେ ଏକ ଡବଲ ଡେକର୍ ବସ୍ ଉପରେ ଚଢ଼ିଗଲା ଓ କଣ୍ଡକ୍ଟର ତାକୁ ଉପରକୁ ଯିବାକୁ କହିଲେ । କିଛି ସମୟ ପରେ ମୋହନ ତରିକି ତଳକୁ ଓହ୍ଲାଇ ଆସିଲା ।
କଣ୍ଡକ୍ଟର : କ'ଣ ହେଲା ? କାହିଁକି ତଳକୁ ଚାଲି ଆସିଲ ?
ମୋହନ : ମତେ ମାରିବ ନା କ'ଣ ? ଉପରେ ତ ଡ୍ରାଇଭର ହିଁ ନାହିଁ ।

× × × × × ×

**ସ୍ୱାମୀ :** ତୁମେ କେତେ ବାଜେ ଖର୍ଚ୍ଚ କରୁଛ ?
**ସ୍ତ୍ରୀ :** ଆଉ ତୁମେ ଯୋଉ କରୁଛ ?
**ସ୍ୱାମୀ :** କୋଉ ଖର୍ଚ୍ଚ କରୁଛି ?
**ସ୍ତ୍ରୀ :** କେବେଠାରୁ ଏଲଆଇସି କିସ୍ତି ଭରୁଛ ଆଜି ପର୍ଯ୍ୟନ୍ତ କାମରେ ଆସିଲାଣି ?



× × × ×

**ରମେଶ :** ମମି ତୁମକୁ ଜନ୍ମଦିନରେ କ'ଣ ଉପହାର ଦେବି ।
**ମମି :** କେକ୍ ଉପରେ କ୍ୟାଣ୍ଡେଲ ଜାଗାରେ ତୋର ଫୋନ ଜଳେଇ ଦେବୁ ।

× × × × ×

ସ୍ୱାମୀ ଅଫିସରୁ ସ୍ତ୍ରୀକୁ ଫୋନ୍ କଲା ।
**ସ୍ୱାମୀ :** ହେଲେ... ଆଜି ଖାଇବାରେ କ'ଣ ବନିଛି ?
**ସ୍ତ୍ରୀ :** ବିଷ ।
**ସ୍ୱାମୀ :** ତା'ହେଲେ ତୁମେ ଖାଇକି ଶୋଇପଡ଼, ମୁଁ ଡେରିରେ ଆସିବି ।

× × × × ×

ସ୍ତ୍ରୀ : ମୁଁ ଯଦି ତୁମକୁ ଛାଡି ଚାଲିଯିବି ତୁମେ କ'ଣ କରିବ ?
ସ୍ୱାମୀ : ମୁଁ ପାଗଳ ହେଇଯିବି ।
ସ୍ତ୍ରୀ : ଦ୍ୱିତୀୟ ବାହାଘର କରିବନି ତ ?
ସ୍ୱାମୀ : ଜଣା ନାହିଁ ପାଗଳ କିଛି ବି କରିପାରେ ।

## ପାଳୁଅର ଉପକାରିତା

**ପା**ଳୁଅର ଅନ୍ୟ ନାମ ଆରାରୋଟ । ଏହା ପ୍ରାୟତଃ ଗାଁ ଗହଳିରେ ଆଗକାଳରେ ଚାଷ କରାଯାଉଥିଲା । କିନ୍ତୁ ଆଜିକାଲି ଏହାର ଚାଷ ଆମ ଦେଶରେ ପ୍ରାୟ କଦବା କ୍ୱଚିତ୍ କରାଯାଉଛି । ଦିନ ଥିଲା ଛୋଟ ପିଲାଙ୍କ ଖାଦ୍ୟ ଭାବେ ଏହାକୁ ବ୍ୟବହାର କରାଯାଉଥିଲା । କିନ୍ତୁ ଆଜିକାଲି ଏହାର ବ୍ୟବହାର ଖୁବ୍ କମି ଯାଇଥିଲେ ମଧ ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ ଉପକାରୀ । ଆରାରୋଟ ପାଉଡର ରୁଟି, କେକ୍ ଓ ପାସ୍ତା ଆଦି ତିଆରିରେ ବ୍ୟବହାର କରାଯାଉଛି ।

ହାଲକା ଓ ଅଦ୍ଭୁତ ସ୍ୱାଦ ବ୍ୟତୀତ ପାଳୁଅ ବା ଆରୋରୋଟରେ ପୋଷକ ତତ୍ତ୍ୱ, ଭିଟାମିନ୍ ଓ ଖଣିଜ ସ୍ରୋତ ଉତ୍ତମ ରୂପରେ ରହିଛି । ୧୨୦ ଗ୍ରାମ ଆରାରୋଟରେ ୪୦୬ ଗ୍ରାମ ଭିଟାମିନ୍



ବି-୯, ୨.୬୬ ମିଲିଗ୍ରାମ ଆଇରନ, ୦.୩୧୯ ମିଲିଗ୍ରାମ ଭିଟାମିନ୍ ବି, ୧୧୮ ମିଲିଗ୍ରାମ ଫସଫରସ, ୦.୧୪୫ ମିଲିଗ୍ରାମ କପର, ୦.୧୭୨ ମିଲି ଗ୍ରାମ ଭିଟାମିନ୍ ବି-୧, ୨.୦୩୨ ମିଲିଗ୍ରାମ ଭିଟାମିନ୍ ବି-୩, ୧୬.୦୭ ଗ୍ରାମ କାର୍ବୋହାଇଡ୍ରେଟ୍ ୫୪୫ ମିଲିଗ୍ରାମ ପୋଟାସିୟମ୍, ୫.୦୯ ଗ୍ରାମ ପ୍ରୋଟିନ୍ ମିଳିଥାଏ । ଏହା ପେଟ ସମସ୍ୟାକୁ ଦୂର କରିବା ସହ ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

ପାଳୁଅରେ ତମ୍ବା ଓ ଲୌହର ଉତ୍ତମ ପରିମାଣ ରହିଛି । ଯାହା କି ଲାଲ ରକ୍ତ କୋଷିକା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଆନେମିଆ ଦୂର କରିବାରେ ପାଳୁଅ ରାମବାଣ ତୁଲ୍ୟ କାମ କରେ । ଏଥି ସହିତ ରକ୍ତ ପରିଷ୍କାର କରିବାରେ ପାଳୁଅ ଉତ୍ତମ ରୂପେ କାମ କରିଥାଏ ।

ଏଥିରେ ଭିଟାମିନ୍ ବି- ଅଧିକ ପରିମାଣରେ ରହିଥାଏ । ମେଟାବଲିଜିମରେ ସୁଧାର ଆଣିବା ଲାଗି ଆରାରୋଟ ଖୁବ୍ ଭଲ । ଗର୍ଭବତୀଙ୍କ ପାଇଁ ପାଳୁଅ ଖୁବ୍ ଲାଭଦାୟକ । ପାଳୁଅରେ ଥିବା ଫଲେଟ ଗର୍ଭସ୍ଥ ଶିଶୁ ପାଇଁ ଖୁବ୍ ଉପକାରୀ । କାରଣ ଏହା ଶିଶୁର ନ୍ୟୁରଲ ଟ୍ୟୁବ ଆଶଙ୍କାକୁ କମ୍ କରିଥାଏ । ଅନ୍ୟଷ୍ଟାର୍ଚ୍ଚ ତୁଳନାରେ ଏହା ସହଜରେ ହଜମ ହୋଇ ଯାଇଥାଏ । ଏଥି ସହିତ ମା'କ୍ଷୀର ବୃଦ୍ଧି କରିବାରେ ସହାୟ ହୋଇଥାଏ ।

ପାଳୁଅରେ ଖୁବ୍ କମ୍ କ୍ୟାଲୋରୀ ରହିଛି, ଏଥିପାଇଁ ଓଜନ କମ କରିଥାଏ । ଏଥି ଲାଗି ଡାଏଟରେ ନିୟମିତ ପାଳୁଅ ସାମିଲ କରନ୍ତୁ । ଆରୋରୋଟରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ଓଜନ ବଢ଼ି ନ ଥାଏ ।

ପାଳୁଅରେ ଉତ୍ତମ ମାତ୍ରାରେ ପୋଟାସିୟମ ରହିଥାଏ ଯେଉଁ କାରଣରୁ ଏହା ହୃଦ୍ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା କରିଥାଏ । ଏଥିପାଇଁ ଏଥିପାଇଁ ରକ୍ତ ବାହିକା ଧମନୀରେ ଚାପକୁ କମ କରିବା ସହିତ ହୃଦୟକୁ ଆରାମ ଦେଇଥାଏ । ଯେଉଁଥିପାଇଁ ରକ୍ତଚାପ କମ୍ ହୁଏ । ଏଥି ସହିତ ଥିବା ଆଥେରୋସ୍କେରୋସିସ୍ ଥାଏ ଯାହା ହୃଦଘାତ ଓ ଷ୍ଟ୍ରୋକ୍ ଆଦି କମ୍ କରିବାରେ ସହାୟକ ହୋଇଥାଏ ।

ଏହା ଷ୍ଟାର୍ଚ୍ଚ ପାଉଡର ଓ ମଶ୍ଚରାଇଜର୍ସ ରୂପରେ ଉପଯୋଗ କରାଯାଇଥାଏ । ଏଥିପାଇଁ କସମେଟିକ୍ସ ପାଉଡର ରୂପରେ ଆରାରୋଟକୁ ବ୍ୟବହାର କରାଯାଇଥାଏ ।

## ଆପଣ ଜାଣନ୍ତି କି ?

- ପୃଥିବୀର ସମସ୍ତ ସ୍ଥାନରେ ମାଧ୍ୟାକର୍ଷଣ ଶକ୍ତି ସମାନ ନ ଥାଏ ।
- ମାଡାଗାସ୍କରରେ ଦେଖା ଯାଉଥିବା ଲିଫ୍ କ୍ୟାମେଲିୟନ ହେଉଛି ପୃଥିବୀର ସବୁଠାରୁ କ୍ଷୁଦ୍ରତମ ସରୀସୃପ । ଏହାର ଲମ୍ବ ମାତ୍ର ଗୋଟେ ଇଞ୍ଚ ।
- କୁକୁ ୱାସ୍ପ ନାମକ ଏକ ପ୍ରକାର ବିରୁଡି ପ୍ରଜାତି ରହିଛି ଯାହା କୋଇଲି ଭଳି ଅନ୍ୟ କୀଟଙ୍କ ବସାରେ ଯାଇ ଅଣ୍ଡା ଦେଇଥାଏ । ଏହାର ଶରୀରର ରଙ୍ଗ ଇନ୍ଦ୍ରଧନୁର ରଙ୍ଗ ଭଳି ସପ୍ତରଙ୍ଗ ବିଶିଷ୍ଟ ।
- ମହାକାଶଚାରୀଙ୍କ ଅନୁଯାୟୀ ଚନ୍ଦ୍ର ପୃଷ୍ଠର ଧୂଳି ଅତ୍ୟନ୍ତ ନରମ ଏବଂ ଏହାର ବାସ୍ନା ବାରୁଦ ଭଳି ।
- ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଲିବ୍ୟାର ଏକ ଅଜିଜିଆ ହୋଇଥିବା ବେଳେ ସବୁଠାରୁ ଶୀତଳତମ ସ୍ଥାନ ହେଉଛି ଆଣ୍ଟାର୍କଟିକା ।
- ୧୨୫୦ ମସିହାରେ ରୋଜର ବେକୋନଙ୍କ ଦ୍ୱାରା ଜବକାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସର ଉଦ୍ଭାବନ କରାଯାଇଥିଲା ।
- ମିଦାସ ଫ୍ଲାଏ ହେଉଛି ପୃଥିବୀର ସର୍ବବୃହତ୍ ମାଛି ପ୍ରଜାତି । ଏହାର ଲମ୍ବ ୭ ସେଣ୍ଟିମିଟର ଯାଏ ରେକର୍ଡ କରାଯାଇଛି ।
- ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ ମାଉଣ୍ଟ ଏଭରେଷ୍ଟ ହୋଇଥିବା ବେଳେ ସବୁଠାରୁ ଗଭୀରତମ ସ୍ଥାନ ହେଉଛି ମେରିଆନା ଟ୍ରେଞ୍ଚ ।
- ଗୋଟିଏ ଟନ୍ କାଗଜକୁ ରିସାଇକଲ କରାଗଲେ ପ୍ରାୟ ୧୭ ଟି ଗଛ କଟାଯିବାରୁ ରକ୍ଷା କରାଯାଇ ପାରିବ । ଆଭାକାଡୋ ଗଛର ଉଚ୍ଚତା ପ୍ରାୟ ୬୩ ଫୁଟ୍ ଯାଏଁ ବୃଦ୍ଧି ପାଇଥାଏ ।
- ଭେନେଜୁଏଲାର ଏଞ୍ଜେଲ ଫଲ୍ ଦୁନିଆର ସବୁଠାରୁ ଉଚ୍ଚା ଝରଣା ଯାହାର ଉଚ୍ଚତା ୩୨୧୨ ଫୁଟ୍ ।

## ସୁସ୍ଥ ରଖେ ଦେଶୀ ଆଳୁ

**ଦେଶୀ**ଆଳୁ ବା ଖମ୍ବଆଳୁ ଏହାଦେଶର ବିଭିନ୍ନ ଭାଗରେ ଦେଖିବାକୁ ମିଳିଥାଏ । ମାତ୍ର ମଧ ପ୍ରଦେଶରେ ଏହାକୁ ଅଧିକ ଲୋକ ଖାଇଥାନ୍ତି । ଏପରିକି ଫ୍ରାଏ କରି ଚାର୍ଟ ମଧ କରି ପାରିବେ ।

ଭରପୁର ଫାଇବର: ଏଥିରେ ବହୁ ମାତ୍ରାରେ ଫାଇବର ଭରି ରହିଛି, ଯାହା ପେଟ ପାଇଁ ଖୁବ୍ ଲାଭଦାୟକ । ଫାଇବର ପେଟରୁ ବିଷାକ୍ତ ପଦାର୍ଥକୁ ବାହାର କରି ଦେଇଥାଏ । ଫଳରେ କବ୍‌ଜ,



ବଦହଜମୀ ଓ ଗ୍ୟାସ ଆଦି ସମସ୍ୟା ଦୂର ହୋଇଥାଏ । ମିଳିଥାଏ ପୋଷକ ତତ୍ତ୍ୱ: ଦେଶୀଆଳୁ ପୋଷକ ତତ୍ତ୍ୱରେ ଭରପୁର । ଏଥିରେ କ୍ୟାଲସିୟମ, ଆଇରନ, କପର, ମାଙ୍ଗାନିଜ ଓ ଫସଫରସ ଆଦି ବହୁ ମାତ୍ରାରେ ରହିଥାଏ, ଯାହା ବିଭିନ୍ନ ପ୍ରକାର ରୋଗରୁ ରକ୍ଷା କରିଥାଏ ।

ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି: ଦେଶୀଆଳୁରେ ଭିଟାମିନ୍ ସି ମଧ ଭରି ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହା ବ୍ୟତୀତ କ୍ୟାଲସିୟମ ହାଡ଼ ଓ ଦାନ୍ତକୁ ମଜଭୁତ କରିଥାଏ । ସେହିପରି ଶରୀରରେ ଶ୍ୱେତ ରକ୍ତକଣିକା ମଧ ବଢ଼ାଇଥାଏ, ଯାହା ଫଳରେ କ୍ଷତ ହେଲେ ତାହା ଜଲଦି ଭରିଯାଏ ।

ମସ୍ତିଷ୍କ ପାଇଁ ଲାଭଦାୟକ: ଦେଶୀଆଳୁରେ କେତେକ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି ଯାହା ଶରୀର ଓ ମସ୍ତିଷ୍କକୁ କେତେକ ରୋଗରୁ ରକ୍ଷା କରିଥାଏ । ଆଣ୍ଟି ଅକ୍ସିଡାଣ୍ଟ ହେଉଛି ସେହି ତତ୍ତ୍ୱ, ଯାହା ଶରୀରରେ ଅକ୍ସିଡେଣ୍ଟ ପ୍ରକ୍ରିୟାକୁ ଧୀମା କରିଥାଏ । ଫଳରେ ଯୁବାବସ୍ଥା ଦୀର୍ଘ ଦିନ ରହିଥାଏ । ଆଉ କର୍କଟ, କାର୍ଡିଓ ଭାସକ୍ୟୁଲାର୍ ଓ ଟ୍ୟୁମର ଆଦିରୁ ରକ୍ଷା କରିଥାଏ ।

## ବହୁ ରୋଗର ମହୌଷଧି ଡାଳିମ୍ବ

**ଡା**ଳିମ୍ବ ଜୁସ୍ ଔଷଧୀୟ ଗୁଣ ପାଇଁ ଜଣାଶୁଣା । ଏହା ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଭିଟାମିନ୍, ଖଣିଜ ଓ ଫ୍ଲୋବୋନାଇଡରେ ଭରପୁର । ଡାଳିମ୍ବ ଜୁସ୍ ନିମ୍ନ ରକ୍ତଚାପ ପାଇଁ



ଉପକାରୀ । ଏହା ସିଷ୍ଟୋଲିକ୍ ଓ ଡାଏଷ୍ଟୋଲିକ୍ ଉଭୟ ପ୍ରକାର ରକ୍ତଚାପକୁ କମ୍ କରିପାରେ । ଓଜନ କମାଇବା ପାଇଁ ଡାଏଟରେ ଡାଳିମ୍ବ ଜୁସ୍ ସାମିଲ କରନ୍ତୁ । ଏଥିରେ ଫାଇବରର ମାତ୍ରା ଥିବା ଯୋଗୁଁ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନ ଥାଏ । ଦୈନିକ ଆବଶ୍ୟକ ହେଉଥିବା ୪୦% ରୁ ଅଧିକ ପ୍ରୋଟିନ ଡାଳିମ୍ବରେ ଥାଏ । ଉଚ୍ଚ ରକ୍ତଚାପ ଓ ହୃଦରୋଗରୁ ମୁକ୍ତି ପାଇଁ ଆବଶ୍ୟକ ଭିଟାମିନ୍ ସି ଏଥିରେ ଅଛି ।

## ରକ୍ତଚାପ ନିୟନ୍ତ୍ରଣ କରିଥାଏ ବିଟ୍

**ଶୀତ**ଦିନେ ବଜାରରେ ପ୍ରଚୁର ପରିମାଣରେ ବିଟ୍ ମିଳିଥାଏ । ଏହା ପାଟି ସୁଆଦିଆ ନ ହେଲେ ମଧ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ବିଶେଷ କରି ରକ୍ତଚାପ ରୋଗୀଙ୍କ ପାଇଁ



ଏହା ବହୁ ଉପକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରି ସୂଚାଇଛନ୍ତି । ପ୍ରାୟ ୬୮ ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା । ଯେଉଁମାନେ ଖାଦ୍ୟରେ ବିଟ୍ ସାମିଲ କରିଛନ୍ତି ସେମାନଙ୍କ ଠାରେ ରକ୍ତଚାପ ନିୟନ୍ତ୍ରିତ ହୋଇଛି । ଏହାର ଜୁସ୍ କରି ପିଇଲେ ସବୁଠୁ ଭଲ । ବିଟରେ ଭିଟାମିନ୍ ବି ଓ ସି' ସହିତ ଫସଫରସ୍, କ୍ୟାଲସିୟମ, ପ୍ରୋଟିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହିଛି । ବିଟ୍ ଖାଇଲେ ରକ୍ତ ସଫା ହୋଇଥାଏ । ଖାଲି ଏତିକି ନୁହେଁ, ଏଥିରେ ଥିବା ଫସଫରସ କେଶ ବୃଦ୍ଧିରେ ସାହାଯ୍ୟ କରିଥାଏ । ଏହାର ଜୁସ୍ ପିଇଲେ ଥକ୍କାପଣ ଦୂର ହୋଇଥାଏ ।

## କହିପାରିବେ କି ?

(୧) କେଉଁ ଫଳରୁ ଭିଟାମିନ୍ ସି ଅଧିକ ମିଳେ ?
(୨) କେଉଁ ହର୍ମୋନ ବ୍ଲଡ ପ୍ରେସରକୁ ନିୟନ୍ତ୍ରଣରେ ରଖେ ?
(୩) ସେଣ୍ଟ୍ରାଲ ଡ୍ରଗ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ କେଉଁଠି ଅବସ୍ଥିତ ?
(୪) ମନୁଷ୍ୟ ହାର୍ଟର ଓଜନ କେତେ ?
(୫) ୧୬୬୫ରେ କୋଷକୁ କିଏ ଆବିଷ୍କାର କରିଥିଲେ ?
(୬) ପ୍ରଥମ ଲୋକସଭା ସହିତ ଜି.ଭି. ମାଭଲଙ୍କର ନାଁ କିପରି ଜଡିତ ଥିଲା ?
(୭) କେଉଁ ଲୋକପ୍ରିୟ ହିନ୍ଦୀ ଓ ଉର୍ଦ୍ଦୁ ଲେଖକଙ୍କ 'ଗୋଦାନ' ଏକ ପ୍ରସିଦ୍ଧ ସାହିତ୍ୟ କୃତୀ ?
(୮) ଶ୍ରେଷ୍ଠ ଅଭିନେତା ଏବଂ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ୨୦୧୮ର ଓସ୍କାର ଆୱାର୍ଡ କିଏ ଜିତିଛନ୍ତି ?
(୯) ବିଦେଶରେ ଟୁର୍ଣ୍ଣାମେଣ୍ଟ ଜିତିଥିବା ପ୍ରଥମ ବ୍ୟାଡମିଣ୍ଟନ ଖେଳାଳୀଙ୍କ ନାମ କ'ଣ ?
(୧୦) ଡବ୍ଲ୍ୟୁ.ଏଚ୍.ଓ. କେଉଁ ଦୁଇ ଦେଶକୁ ପୋଲିଓ ମୁକ୍ତ ବୋଲି ଘୋଷଣା କରି ନାହାନ୍ତି ?

### JUMBLE WORDS

| | | | |
|---|---|---|---|
| 1) DOYTID | = | 6) LALFI | = |
| 2) NAGTI | = | 7) DEYEN | = |
| 3) TCCAH | = | 8) PALPRO | = |
| 4) EECDDO | = | 9) RNAMEN | = |
| 5) SKARHN | = | 10) IANGA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ପଲିଥିଲିନ୍, ୨.ଚୁମ୍ବକୀୟ କ୍ଷେତ୍ର, ୩.ଉତ୍ତଳ ଦର୍ପଣ, ୪.ସମୀପ ଦୃଷ୍ଟି, ୫.ହାଇଗ୍ରୋମିଟର, ୬.ବିରାଡିକୁ ମାରିଦେଲେ, ୭.ସାଉଦି ଆରବ, ୮.ବ୍ରାଜିଲ, ୯.ନ୍ୟୁୟର୍କ, ୧୦.ଏଷ୍ଟୋନିଆ ।

***Jumble Words*** ର ଉତ୍ତର :-

(1) GLADE (2) VERSVS (3) NOBODY (4) WOVEN (5) DITTO (6) JUGGLE (7) NARROW (8) GROUP (9) NINTH (10) MATURE

## ଅବସାଦ ଦୂର କରେ ଚକୋଲେଟ୍

**ଚ**କୋଲେଟରେ ବହୁତ ଗୁଣ ଭରି ରହିଥାଏ । ଏଥିରେ ଥିବା କୋଲେଷ୍ଟୋରୋଲ ଅବସାଦକୁ ଦୂର କରିବା ସହିତ ମନକୁ ଆନନ୍ଦ ଦେଇଥାଏ ବୋଲି ଆମେରିକା ବିଶ୍ୱବିଦ୍ୟାଳୟର ଗବେଷକ ନିକଟରେ ପ୍ରକାଶ କରିଛନ୍ତି । ଚକୋଲେଟରେ କେଫିନ ଓ ଥିୟୋବ୍ରୋମିନ୍ ନାମକ ଦୁଇଟି



ରାସାୟନିକ ଦ୍ରବ୍ୟ ରହିଥାଏ । ଯାହା ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଶକ୍ତି ଯୋଗାଇବା ସହିତ ମନରେ ଥିବା ଦୁଶ୍ଚିନ୍ତା ଦୂର କରେ । କେଫିନ୍ ଶରୀରକୁ ଶକ୍ତି ଯୋଗାଇ ଫୁର୍ତ୍ତି ପ୍ରଦାନ କରୁଥିବା ହରମୋନକୁ କ୍ଷରଣ କରାଇବାରେ ସାହାଯ୍ୟ କରିଥାଏ । ଫଳରେ ମନରେ କାର୍ଯ୍ୟ କରିବାର ଇଚ୍ଛା ଜାଗ୍ରତ ହୋଇ ମନରେ ଥିବା ସମସ୍ତ ପ୍ରକାର ଚିନ୍ତା ଦୂର ହୁଏ । ତାହାଛଡ଼ା ମିଠା ଚକୋଲେଟ୍‌କୁ ଖାଇବା ପରେ ବ୍ୟକ୍ତିଙ୍କ ମୁଡ୍ ସାଧାରଣ ଭାବେ ପରିବର୍ତ୍ତନ ହୋଇଥାଏ । ବିଶେଷ କରି ମହିଳାଙ୍କ କ୍ଷେତ୍ରରେ ଚକୋଲେଟ ଲାଭଦାୟକ । ଗବେଷକଙ୍କ ମତରେ, ଅଫିସ୍ କାମ ଓ ଘର କାମରେ ବ୍ୟସ୍ତ ରହୁଥିବା ମହିଳା ଖୁବ୍ ଶୀଘ୍ର ଅବସାଦଗ୍ରସ୍ତ ହୋଇ ଯାଆନ୍ତି । ଚକୋଲେଟ୍ ସେମାନଙ୍କୁ ଶକ୍ତି ଯୋଗାଇବା ସହିତ ଚିନ୍ତାରେ ସୁଧାର ଆଣିଥାଏ । ତେବେ ପ୍ରତ୍ୟେକ ଦିନମହିଳାମାନେ ଅଳ୍ପ ଚକୋଲେଟ ଖାଇବା ଉଚିତ ବୋଲି ଗବେଷକ ରିପୋର୍ଟରେ ପ୍ରକାଶ କରିଥିଲେ ।

# ଏକ ସମୃଦ୍ଧ ବିଶ୍ୱ ଗଢ଼ିବା ପାଇଁ ଜି-୨୦ ରାଷ୍ଟ୍ର ସମୂହ ପ୍ରତିଶ୍ରୁତିବଦ୍ଧ- ଧର୍ମେନ୍ଦ୍ର ପ୍ରଧାନ

ପୁନେ: ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିବେଶ କଲେ ମାନବ ଜାତିର ପ୍ରଗତିରେ ହିଁ ନିବେଶ ହୋଇଥାଏ । ଜି-୨୦ର ରାଷ୍ଟ୍ର ସମୂହ ଓ ସଦସ୍ୟମାନେ ଜ୍ଞାନ, କୌଶଳ, ସାମାଜିକ ଆର୍ଥିକ ଦୂରତାକୁ ହ୍ରାସ କରିବା ସହ ଜୀବନବ୍ୟାପୀ ଶିକ୍ଷା ଗ୍ରହଣର ସୁଯୋଗ ମାଧ୍ୟମରେ ନାଗରିକଙ୍କୁ ସଶକ୍ତ କରିବା ସହ ଏକ ସମୃଦ୍ଧ ବିଶ୍ୱ ଗଢିବା ପାଇଁ ଆଗେଇ ଆସିବା ଖୁସିର ବିଷୟ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ପୁନେରେ ଅନୁଷ୍ଠିତ 'ଚତୁର୍ଥ ଶିକ୍ଷା ୱାର୍କିଂ ଗ୍ରୁପ ଏବଂ ମନ୍ତ୍ରୀସ୍ତରୀୟ ବୈଠକ'ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀର ଶିକ୍ଷା ୱାର୍କିଂ ଗ୍ରୁପ ବୈଠକ ଶିକ୍ଷାକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ଫଳାଫଳର ପ୍ରତିବଦ୍ଧତାକୁ ଦୋହରାଇଛି । ସବୁ ଦେଶ ନାଗରିକଙ୍କୁ ଶିକ୍ଷା ଏବଂ ଦକ୍ଷତା ଉପରେ ଅଧିକ ପ୍ରାଧାନ୍ୟ ଦେବା ସହ ନାଗରିକଙ୍କ ଶିକ୍ଷା ଆହରଣକୁ ଜୀବନବ୍ୟାପୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିବାକୁ ହେବ ।

ଜି-୨୦ ବୈଠକରେ ଉଦଘାଟନୀ ସମାରୋହରେ ବିଭିନ୍ନ ଦେଶର ମନ୍ତ୍ରୀ, ପ୍ରତିନିଧି ମଣ୍ଡଳୀ ଓ ୟୁନିସ୍କୋ, ୟୁନିସେଫ ଓ ଓଇସିଡି ସହ ଆଲୋଚନା କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜି -୨୦ ବୈଠକ ମନ୍ତ୍ରୀସ୍ତରୀୟ ଆଲୋଚନାରୁ ଊର୍ଦ୍ଧ୍ୱକୁ ଯାଇ ସ୍କୁଲ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ଦକ୍ଷତା ପରିସଂସ୍ଥାନର ୫.୨ କୋଟିରୁ ଉର୍ଦ୍ଧ୍ୱ ଷ୍ଟକହୋଲଡର ଯୋଡି ହେବା ଖୁସିର ବିଷୟ । ଏହା ହିଁ ବାସ୍ତବରେ ବସୁଧୈବ କୁଟୁମ୍ବକମ କଥାବସ୍ତୁ ତଥା ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତର ଆତ୍ମାକୁ ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାରରେ ମାନବ ଜାତିର କଲ୍ୟାଣ ଏବଂ ଗୁଣାତ୍ମକ ଶିକ୍ଷା ସହ ସୁଶାସନ ହେଉଛି ଭାରତର ଉଦ୍ଦେଶ୍ୟ । ଆମକୁ ସୁନିଶ୍ଚିତ କରିବାକୁ ପଡିବ ଯେ ସମଗ୍ର ବିଶ୍ୱର ଶିଶୁ ଓ ଯୁବପିଢି ସାମଗ୍ରିକ ଶିକ୍ଷାରୁ କିପରି ଲାଭ ପାଇବେ ଏବଂ ଏକବିଂଶ ଶତାବ୍ଦୀର କୌଶଳରେ ସଶକ୍ତ ହେବେ । ବ୍ରାଜିଲର ଅଧ୍ୟକ୍ଷତାରେ ଆଗାମୀ ଦିନରେ ହେବାକୁ ଥିବା ଜି-୨୦ ବୈଠକକୁ ଭାରତ ସମର୍ଥନ କରୁଛି । ଶିକ୍ଷା କ୍ଷେତ୍ରରେ ଥିବା ଆହ୍ୱାନକୁ ଚିହ୍ନଟ କରିବାରେ ଭାରତ ବ୍ରାଜିଲ ସହ କାର୍ଯ୍ୟ କରିବ ତଥା ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପକୁ ସକାରାତ୍ମକ ପରିବର୍ତ୍ତନର ପ୍ରେରକ ଭାବେ ଉପସ୍ଥାପନା କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଶ୍ରୀ ପ୍ରଧାନ ସାଉଦି ଆରବର ଶିକ୍ଷା ମନ୍ତ୍ରୀ ୟୋସେଫ୍ ଅଲ୍ ବେନୟାନଙ୍କ ସହ ଉଚ୍ଚ ଶିକ୍ଷାରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ବୃତ୍ତି ତଥା ବିଶେଷ ଭାବରେ ଉର୍ଜା ଓ ପେଟ୍ରୋକେମିକାଲ କ୍ଷେତ୍ରରେ ସୁଯୋଗ ପ୍ରଦାନ କରିବା ଦିଗରେ ଆଲୋଚନା କରିଥିଲେ । ଅନୁରୂପ ଭାବେ ଜାପାନର ଶିକ୍ଷା ମନ୍ତ୍ରୀ ନାଗୋକା କେକୋଙ୍କ ସହ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଅଧିକ ସହଭାଗିତା ନେଇ ସମ୍ପର୍କକୁ ମଜଭୁତ କରିବା ନେଇ ଚର୍ଚ୍ଚା ହୋଇଥିଲା । ଭାରତର ପ୍ରତିଭାଶାଳୀ ମାନବ ସମ୍ବଳ ଓ ଜାପାନର କ୍ଷମତା ଉଭୟ ଦେଶ ପାଇଁ ଅନେକ ସମ୍ଭାବନା ରଖୁଛି । ଭାରତ ଏବଂ ଜାପାନ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ କୌଶଳ, ପାଠ୍ୟକ୍ରମର ବିକାଶ ଏବଂ ପ୍ରଯୁକ୍ତିବିଦ୍ୟା ଗବେଷଣା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରିପାରିବେ । ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ କଲେଜ୍ ଅଫ୍ ଇଞ୍ଜିନିୟରିଂ ପୁନେ ଟେକ୍ନୋଲୋଜି ୟୁନିଭର୍ସିଟିରେ ଇନୋଭେସନ, ଡିଜାଇନ ଓ ଏଣ୍ଟରପ୍ରେନିୟରସିପ ବୁଟ୍ କ୍ୟାମ୍ପର ଉଦଘାଟନ କରିଥିଲେ । ଏହି ବୁଟ୍ କ୍ୟାମ୍ପ ଦେଶର ଯୁବପିଢ଼ିଙ୍କୁ ବଡ଼ ଭାବିବା ଓ ବଡ଼ ସ୍ୱପ୍ନ ଦେଖିବା ପାଇଁ ଅନୁପ୍ରାଣିତ କରିବ ଏବଂ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବରେ ପରିଣତ କରିବାରେ ସହାୟକ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

## ନିଗମାନନ୍ଦ ପରମହଂସଙ୍କ ଅବିଭକ୍ତ ସମ୍ବଲପୁର ଜିଲ୍ଲା ସମ୍ମିଳନୀ ଜୁଲାଇ ୨ ଓ ୩ରେ

ସମ୍ବଲପୁର : ଶ୍ରୀ ଶ୍ରୀ ଠାକୁର ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ସଙ୍ଘବିଧାନୋକ୍ତ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ୩୫୩ତମ ଭକ୍ତ ସମ୍ମିଳନୀ ଆସନ୍ତା ଜୁଲାଇ ୨ ଓ ୩ ତାରିଖ ଦିନ ସ୍ଥାନୀୟ ମାରୱାଡ଼ି ପଞ୍ଚାୟତ ଧର୍ମଶାଳା ଠାରେ ଅନୁଷ୍ଠିତ ହେବ । ଏଥିରେ ଆସାମ ବଙ୍ଗୀୟ ସାରସ୍ୱତ ମଠ (କୋକିଳା ମୁଖ)ର ମହନ୍ତ ଶ୍ରୀମତ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ଏବଂ ରାଜ୍ୟର ଆଶ୍ରମାଧ୍ୟକ୍ଷ ଓ ସାଧୁସନ୍ନ୍ୟାସୀ ମାନେ ଯୋଗଦେବେ । ୩ ତାରିଖ ଦିନ ହେବାକୁ ଥିବା ସାଧାରଣ ଧର୍ମ ସଭାରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଅଧ୍ୟକ୍ଷତା କରିବେ ଏବଂ ଅବସରପ୍ରାପ୍ତ ପ୍ରଶାସକ ସୂର୍ଯ୍ୟନାରାୟଣ ପଣ୍ଡା ଅତିଥି ରୂପେ ଯୋଗ ଦେବେ । ଏହି କାର୍ଯ୍ୟକ୍ରମରେ ଜନସାଧାରଣ ଯୋଗ ଦେଇ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ କୃପା ଭାଜନ ହେବାକୁ ଆଡ଼ଭୋକେଟ୍ ବୈକୁଣ୍ଠ ହୋତା, ଡାକ୍ତର ଅଜିତ କୁମାର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ଶତପଥୀ ଓ ଅଯୋଧ୍ୟା ମହାରଣା ନିବେଦନ କରିଛନ୍ତି ।

## ବିଦେଶୀ ସଂସଦରେ ସର୍ବାଧିକ ଥର ଭାଷଣ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ: ଆମେରିକା ସଂସଦର ମିଳିତ ଅଧିବେଶନରେ ଜୁନ୍ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ ଦେଇଛନ୍ତି । ଏହା ପୂର୍ବରୁ ନରେନ୍ଦ୍ର ମୋଦୀ ବିଦେଶୀ ସଂସଦରେ ୧୧ ଥର ଭାଷଣ ଦେଇ ସାରିଛନ୍ତି । ଏହାକୁ ମିଶାଇଲେ ହେବ ୧୨ ଥର । ମୋଦୀଙ୍କ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ବିଦେଶୀ ପାର୍ଲାମେଣ୍ଟରେ ୭ ଥର ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇନ୍ଦିରା ଗାନ୍ଧି ୪ ଥର, ଜବାହରଲାଲ ନେହରୁ ୩ ଥର, ରାଜୀବ ଗାନ୍ଧୀ ୨ ଥର, ଅଟଳବିହାରୀ ବାଜପେୟୀ ୨ ଥର, ମୋରାରଜୀ ଦେଶାଇ ଏବଂ ପିଭି ନରସିଂହ ରାଓ ଥରେ ଲେଖାଏଁ ଭାଷଣ ଦେଇଥିଲେ । ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଆମେରିକା କଂଗ୍ରେସରେ ୧୯୪୯ରେ ପ୍ରଥମେ ଭାଷଣ ଦେଇଥିଲେ । ବିଦେଶୀ ସଂସଦରେ ସର୍ବାଧିକ ଥର ଭାଷଣ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ ୨୦୧୪ ଜୁନ୍ ମାସରେ ଭୁଟାନ ସଂସଦର ମିଳିତ ଅଧିବେଶନରେ ଭାଷଣ ଦେଇଥିଲେ । ସେହିବର୍ଷ ଅଗଷ୍ଟ ମାସରେ ନେପାଳ ସଂସଦରେ, ନଭେମ୍ବରରେ ଅଷ୍ଟ୍ରେଲିଆ ସଂସଦର ମିଳିତ ଅଧିବେଶନରେ ଏବଂ ଫିଜି ସଂସଦରେ ଭାଷଣ ଦେଇଥିଲେ । ସେ ୨୦୧୫ ମାର୍ଚ୍ଚମାସରେ ଶ୍ରୀଲଙ୍କା ସଂସଦରେ, ମେ ମାସରେ ମଙ୍ଗୋଲିଆ ଓ ଡିସେମ୍ବର ମାସରେ ଆଫଗାନିସ୍ତାନରେ ଭାଷଣ ଦେଇଥିଲେ । ୨୦୧୬ ଜୁନ୍ ମାସରେ ମୋଦୀ ଆମେରିକା କଂଗ୍ରେସର ମିଳିତ ଅଧିବେଶନରେ ଭାଷଣ ଦେଇଥିଲେ । ସେ ୨୦୧୮ ଜୁଲାଇରେ ଉଗାଣ୍ଡା ଏବଂ ୨୦୧୯ ଜୁନ୍ ମାସରେ ମାଳଦ୍ୱୀପ ସଂସଦରେ ଭାଷଣ ଦେଇଥିଲେ । ୨୦୨୩ ଜୁନ୍ ୨୨ରେ ସେ ଆମେରିକାର ପ୍ରତିନିଧି ସଭା ଓ ସିନେଟ୍‌ର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେଇଛନ୍ତି ।

## ୩୦ ବର୍ଷ ତଳର ଓ ଆଜିର ମୋଦୀ

ନୂଆଦିଲ୍ଲୀ: ସମୟ ହେଉ କି ଭାଗ୍ୟଚକ୍ର, ମଣିଷର ସ୍ଥିତି କିଭଳି ବଦଳିପାରେ ତାହାର ଜ୍ୱଳନ୍ତ ନମୁନା ହେଉଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ତାଙ୍କର ୩୦ ବର୍ଷ ତଳର ଏକ ଘଟଣା ହିଁ ଏହାକୁ ସ୍ପଷ୍ଟ କରୁଛି । ୧୯୯୩ ମସିହାରେ ମୋଦୀ କୌଣସି ପଦ ପଦବୀରେ ନ ଥିଲା ବେଳେ ଆମେରିକା ବୁଲିବାକୁ ଯାଇଥିଲେ । ସେତେବେଳେ ତାଙ୍କର ରହଣିସ୍ଥଳ ଥିଲା ତାଙ୍କର ଜଣେ ବନ୍ଧୁ ସି.କେ ପଟେଲଙ୍କ ଘର । ସେଠାରେ ସେ ୪ ଦିନ ରହିଥିଲେ । ଯେଉଁମାନେ ଆମେରିକା ଭ୍ରମଣରେ ଯାଆନ୍ତି ସେମାନଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ର ଥାଏ ହ୍ୱାଇଟ୍ ହାଉସ୍ । ୱାଶିଂଟନ ସହର ବୁଲିବା ସମୟରେ ମୋଦୀ ତାଙ୍କ ବନ୍ଧୁଙ୍କ ସହ ଏକ ପାର୍କ ବାହାରେ ଛିଡ଼ା ହୋଇ ହ୍ୱାଇଟ୍ ହାଉସ୍ ଦେଖିଥିଲେ । କିନ୍ତୁ ତିନି ଦଶନ୍ଧି ଭିତରେ ସବୁକିଛି ଯେମିତି ବଦଳି ଯାଇଛି । ଆମେରିକାରେ ଦିନେ ନିଜ ବନ୍ଧୁଙ୍କ ଘରେ ୪ ଦିନ ବିତାଇଥିବା ମୋଦୀ ଏବେ ପ୍ରସିଦ୍ଧ ତଥା ବ୍ୟୟବହୁଳ ହୋଟେଲ ଲଟି ନ୍ୟୁୟର୍କ ପ୍ୟାଲେସ୍‌ରେ ଅବସ୍ଥାନ କରୁଛନ୍ତି । ୫୫ ମହଲା ବିଶିଷ୍ଟ ଏହି ରାଜକୀୟ ହୋଟେଲରେ ଦିନକ ରହଣି ପାଇଁ ଖର୍ଚ୍ଚ ହେଉଛି - ୯୮ ହଜାର ଟଙ୍କା । ଏଠାରେ ୯୫୦ ସମ୍ମିଳନୀ କକ୍ଷ ରହିଥିଲା ବେଳେ ଏହାର ପ୍ରାୟ ୩୦ ପ୍ରତିଶତ ମୋଦୀଙ୍କ ପାଇଁ ସଂରକ୍ଷଣ କରାଯାଇଛି ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ ପାଳିତ

ସମ୍ବଲପୁର: ରେଢ଼ାଖୋଲ ଏନ.ଏ.ସି କାର୍ଯ୍ୟାଳୟ ଠାରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ପ୍ରମୁଖ ଯୋଗ ଦେଇ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଓ ବଳିଦାନ ବିଷୟରେ ଆଲୋଚନା କରି ତାଙ୍କ ସ୍ମୃତିକୁ ମନେ ପକାଇ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏଥିରେ କାଉନସିଲର ରଶ୍ମିରଞ୍ଜନ ଭଞ୍ଜ, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଥମ ଧାନ ବିହନ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜିଲ୍ଲାର ପ୍ରଥମ ମହିଳା ସ୍ୱୟଂ ସହାୟକ ସଦସ୍ୟାଙ୍କ ଦ୍ୱାରା ପରିଚାଳିତ ଧାନ ବିହନ ବିକ୍ରୟ କେନ୍ଦ୍ର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଧାନ ବିହନ ବିକ୍ରୟ କେନ୍ଦ୍ର ମାଁ ଭୈରବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜଟେସିଂହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେବାକୁ ଥିବା ବେଳେ ଏହି କେନ୍ଦ୍ର ଦ୍ୱାରା ସ୍ଥାନୀୟ କୃଷକ ତଥା ଜନସାଧାରଣ ସହଜ ଓ ସୁଲଭ ମୂଲ୍ୟରେ ଚାହିଦା ମୁତାବକ ଧାନ ବିହନ ସହ ଅନ୍ୟାନ୍ୟ କୃଷି ଉପଯୋଗୀ ବିହନ ପାଇ ପାରିବେ । ଏହି ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଶାନ୍ତି ଲୁହା, ବ୍ଲକ ଉପାଧ୍ୟକ୍ଷ ଶ୍ରୀ ନାରାୟଣ ଲୁହା,ସହ ଜିଲ୍ଲା ସଂଯୋଜକ ମିଶନଶକ୍ତି କାର୍ତ୍ତିକ ଚନ୍ଦ୍ର ନାୟକ, ବିପିଏସିଏ ବିଥିକା ରାଣୀ ମିଶ୍ର, ବି ଏଲ ସି ରମାକାନ୍ତ ହରିପାଲ ମାଁ ଭୈରବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, ମିଶନ ଶକ୍ତି କର୍ମକର୍ତ୍ତା, ସ୍ଥାନୀୟ କୃଷକ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମେରିକା ଫାଷ୍ଟ ଲେଡିଙ୍କୁ ସବୁଜ ହୀରା ଉପହାର

ନ୍ୟୁୟର୍କ: ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତରେ ଯାଇଥିବା ବେଳେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଓ 'ଫାଷ୍ଟ ଲେଡି' ଜିଲ୍ ବାଇଡେନ୍ ତାଙ୍କୁ ହ୍ୱାଇଟ୍ ହାଉସକୁ ପାଛୋଟି ନେଇଥିଲେ । ହ୍ୱାଇଟ୍ ହାଉସ୍ ଭିତରକୁ ପ୍ରବେଶ କରିବା ପୂର୍ବରୁ ସେମାନେ ପରସ୍ପରକୁ ଭଲମନ୍ଦ ପଚାରିଥିଲେ ଏବଂ ଫଟୋ ଉଠାଇବା ପାଇଁ ପୋଜ୍ ଦେଇଥିଲେ । ଔପଚାରିକ ଉପହାର ଭାବେ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିଂଶ ଶତାବ୍ଦୀ ପ୍ରାରମ୍ଭ ସମୟର ଖଣ୍ଡେ ହାତ ତିଆରି ପୁରାତନ ଆମେରିକୀୟ ବୁକ୍ ଗାଲି (ପ୍ରୁଫ୍ ଦେଖା ହେବା ପୂର୍ବର ପୁସ୍ତକ), ଏକ ପୁରାତନ କ୍ୟାମେରା ଏବଂ ଆମେରିକୀୟ ବନ୍ୟପ୍ରାଣୀଙ୍କ ଫଟୋଚିତ୍ର ଥିବା ଏକ ପୁସ୍ତକ ପ୍ରଦାନ କରିଥିଲେ । ଜିଲ୍ ବାଇଡେନ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'କଲେକ୍ଟେଡ୍ ପଏମ ଅଫ୍ ରବର୍ଟ ଫ୍ରଷ୍ଟ' ପୁସ୍ତକର ପ୍ରଥମ ସଂସ୍କରଣର ଖଣ୍ଡେ କପି ସାକ୍ଷର କରି ଉପହାର ଦେଇଥିଲେ । ପ୍ରତିଉପହାର ସ୍ୱରୂପ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତି ବାଇଡେନଙ୍କୁ ଲଣ୍ଡନର ଫାବର୍ ଆଣ୍ଡ ଫାବର୍ ଦ୍ୱାରା ପ୍ରକାଶିତ ଓ ଗ୍ଲାସଗୋ ୟୁନିଭରସିଟି ପ୍ରେସରେ ମୁଦ୍ରିତ 'ଦି ଟେନ୍ ପ୍ରିନ୍ସିପୁଲ୍ ଉପନିଷଦ୍'ର ପ୍ରଥମ ସଂସ୍କରଣର ଖଣ୍ଡେ ବହି ଦେଇଥିଲେ । ସେହିପରି, ଫାଷ୍ଟ ଲେଡି ଜିଲ୍ ବାଇଡେନଙ୍କୁ ପ୍ରଧାନମନ୍ତ୍ରୀ ମୋଦି ୭.୫ କ୍ୟାରେଟର ସବୁଜ ହୀରା ଉପହାର ଦେଇଥିଲେ । ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ବାଇଡେନ୍, ଫାଷ୍ଟ ଲେଡି ଓ ପ୍ରଧାନମନ୍ତ୍ରୀ ଡିନର୍ ଖାଇବା ସହିତ ଭାରତୀୟ ଅଞ୍ଚଳ ପ୍ରତି ଉତ୍ସର୍ଗ କରାଯାଇଥିବା ସଙ୍ଗୀତ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ।

## କଣ୍ଟାବାଞ୍ଜିରେ ଭାଗବତ ସପ୍ତାହ

ବଲାଙ୍ଗୀର : ଶ୍ରୀ ଗୁରୁପୂର୍ଣ୍ଣିମା ଅବସରରେ କଣ୍ଟାବାଞ୍ଜିର ବଜାର ରୋଡ଼ ସ୍ଥିତ ଶ୍ରୀ ନାରାୟଣ ଶକ୍ତିଧାମରେ ଆସନ୍ତା ୨୬ ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ସପ୍ତାହ ଭକ୍ତିଜ୍ଞାନଯଜ୍ଞ ଅନୁଷ୍ଠିତ ହେବ । ଏଥିରେ ବୃନ୍ଦାବନର ମହାମଣ୍ଡଳେଶ୍ୱର ମହନ୍ତ ଶ୍ରୀ ସଚ୍ଚିଦାନନ୍ଦ ଶାସ୍ତ୍ରୀ ଭାଗବତ ଉପରେ ପ୍ରବଚନ ଦେବେ । ଏଥିରେ ବହୁ ସଂଖ୍ୟକ ଭକ୍ତବୃନ୍ଦ ଯୋଗ ଦେବାକୁ ଶ୍ରୀ ଅଶୋକ ଶର୍ମା ଅନୁରୋଧ କରିଛନ୍ତି ।

ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ ପାଳିତ



ସମ୍ବଲପୁର: ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ ଅବସରରେ ଏଠାରେ ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ସମେତ ବହୁ ନେତା ଶ୍ରୀ ମୁଖାର୍ଜୀଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଭବାନୀପାଟଣାରେ ମହା ସମ୍ପର୍କ ଅଭିଯାନ ସମାବେଶରେ ଯୋଗଦେଲେ ଜେ.ପି ନଡ୍ଡା



ଭବାନୀପାଟଣା : ମୋଦୀ ସରକାରଙ୍କ ସେବା, ସୁଶାସନ ଓ ଗରୀବ କଲ୍ୟାଣର ୯ ବର୍ଷ ପୂର୍ତ୍ତି ଅବସରରେ ଭବାନୀପାଟଣା ଠାରେ ଆୟୋଜିତ ମହା ସମ୍ପର୍କ ଅଭିଯାନ ସମାବେଶରେ ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି ନଡ୍ଡା ଯୋଗ ଦେଇ ମୋଦୀ ସରକାରଙ୍କର ସଫଳତା ସମ୍ପର୍କରେ ଆଲୋଚନା କରି ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ବର୍ଷିଥିଲେ । ଏହି ସମାବେଶରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ, ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ଡି.ପୁରେନ୍ଦେଶ୍ୱରୀ, ସାଂସଦ ଜୁଏଲ ଓରାମ, ବସନ୍ତ ପଣ୍ଡା, ସଂଗୀତା ସିଂଦେଓ, ବିଧାୟକ ପ୍ରଦୀପ୍ତ କୁମାର ନାଏକ, ମୁକେଶ ମହାଲିଙ୍ଗ, ଦଳର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ ।



ପୁନେରେ ଆୟୋଜିତ ଯୋଗ ଦିବସରେ ଯୋଗ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ବିଜେପିର ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ଝାରସୁଗୁଡ଼ା : ବିଜେପିର ନବନିର୍ମିତ ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଶ୍ରୀ ନଡ୍ଡା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବା ଅବସରରେ ଝାରସୁଗୁଡ଼ାରେ ଏହି ଦଳୀୟ କାର୍ଯ୍ୟାଳୟ ଦଳର ବିଶିଷ୍ଟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ଦଳୀୟ କର୍ମୀମାନଙ୍କ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ସାଂସଦ ଜୁଏଲ ଓରାମ, ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ନଡ୍ଡା ବରଗଡ଼ ସଂସଦୀୟ କ୍ଷେତ୍ରର କର୍ମକର୍ତ୍ତାମାନଙ୍କର ଏକ ବୈଠକରେ ମଧ ଯୋଗ ଦେଇ ଆଗାମୀ ନିର୍ବାଚନ ପାଇଁ ଦଳୀୟ ନେତାମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ ।





## ବୃନ୍ଦାବନରେ ମହନ୍ତ ଅଚ୍ୟୁତାନନ୍ଦ ଦାସଙ୍କ ତିରୋଧାନ ମହୋତ୍ସବ



ବୃନ୍ଦାବନ : ଓଡ଼ିଶାରୁ ଆସି ବୃନ୍ଦାବନରେ ରହିଥିବା ଶ୍ରୀ ମହନ୍ତ ଅଚ୍ୟୁତାନନ୍ଦ ମହାରାଜଙ୍କର ତିନିଦିନ ବ୍ୟାପୀ ୧୭ତମ ବାର୍ଷିକ ତିରୋଧାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଥରପୁରା ସ୍ଥିତ ଶ୍ରୀ ଗୋପାଳଜୀ ମନ୍ଦିର ଠାରେ ଏହି ଅବସରରେ ବିଭିନ୍ନ ଧାର୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଶ୍ରୀ ଦାସଙ୍କର ତୈଳଚିତ୍ରକୁ ପୂଜାର୍ଚ୍ଚନା କରାଯିବା ପରେ ହରିନାମ ସଂକୀର୍ତ୍ତନ ବ୍ରଜବାସୀ ସନ୍ଥ ଓ ବୈଷ୍ଣବଙ୍କ ସେବାର ଆୟୋଜନ କରାଯାଇଥିଲା । ସନ୍ଥ ସମାବେଶରେ ମହାମଣ୍ଡଳେଶ୍ୱର ସ୍ୱାମୀ ଭାସ୍କରାନନ୍ଦ ମହାରାଜ ଓ ସ୍ୱାମୀ ନବଳଗିରୀ ମହାରାଜ ସାହିତ୍ୟିକ ଡାକ୍ତର ଗୋପାଳ ଚତୁର୍ବେଦୀ, ସମାଜସେବୀ ପଣ୍ଡିତ ବିହାରୀଲାଲ ବଶିଷ୍ଠ, ସନ୍ଥ ସେବାନନ୍ଦ ବ୍ରହ୍ମଚାରୀ, ମହନ୍ତ ମଧୁମଙ୍ଗଳ ଶୁକ୍ଳ, ମହାମଣ୍ଡଳେଶ୍ୱର ରାଧାପ୍ରସାଦ ଦେବ, ଶ୍ରୀ ମହନ୍ତ ଲାଡଲି ଶରନ, ଚାରି ସଂପ୍ରଦାୟ ଆଶ୍ରମର ମହନ୍ତ ବ୍ରଜବିହାରୀ ଦାସ, ମହନ୍ତ ସୁନ୍ଦର ଦାସ, ମହନ୍ତ ଆଦ୍ୟାନନ୍ଦ ଦାସ, ଭାଗବତାଚାର୍ଯ୍ୟ ଆଶା ଶାସ୍ତ୍ରୀ, ରାମଦେବ ଚତୁର୍ବେଦୀ ପ୍ରମୁଖ ଅଚ୍ୟୁତାନନ୍ଦ ଦାସଙ୍କର ସନ୍ଥସେବା, ଗୋ' ସେବା, ବିପ୍ର ସେବା ଏବଂ ନିର୍ଦ୍ଧନ ଅସହାୟଙ୍କ ସେବା ଆଦି ତାଙ୍କର ଅପାର ନିଷ୍ଠା ସମ୍ପର୍କରେ ଆଲୋଚନା କରି ତାଙ୍କୁ ଜଣେ ସମନ୍ୱୟବାଦୀ ତଥା ନିଷ୍ପୃହ ସନ୍ଥ ଭାବେ ବର୍ଣ୍ଣନା କରିଥିଲେ । ଶ୍ରୀ ଗୋପାଳଜୀ ମନ୍ଦିରର ମହନ୍ତ ସ୍ୱାମୀ ସଚ୍ଚିଦାନନ୍ଦ ଶାସ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସେହିପରି ସମ୍ବଲପୁରର ମହାନ୍ତି ପଡା ସ୍ଥିତ ମାତା ମଠ ଠାରେ ମଧ ସୁଶ୍ରୀ ପ୍ରମିଳା ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହନ୍ତ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କର ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଭଜନ କୀର୍ତ୍ତନ ଓ ସାଧୁ ସେବାର ଆୟୋଜନ କରାଯାଇଥିଲା ।

## ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତିରେ ଛାତ୍ରୀ ସମ୍ବର୍ଦ୍ଧିତ



ଦେବଗଡ଼: ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ଦ୍ୱିତୀୟ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରୀଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇ ଥିଲା । ଏହି ଅବସରରେ ବିଦ୍ୟାଳୟ ର ଅଧକ୍ଷ ସୁଜିତ ଠାକୁରଙ୍କ ଅଧକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଏଡ଼ଭୋକେଟ ବିଭୂତି ଗଙ୍ଗଦେବ ଯୋଗ ଦେଇ ଥିଲେ । ନିକଟରେ ଅନୁଷ୍ଠିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ମ୍ୟାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସ୍ମୃତୀ ସଂଗୀତା ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ଛାତ୍ରୀ ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କର ଅଭିଭାବକ ମୁଖ୍ୟ ଅତିଥିଙ୍କ ଠାରୁ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଠାରୁ ବିଦ୍ୟାଳୟର ଦଶମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଛି ।

## ପତଞ୍ଜଳି ପରିବାର ପାଳନ କଲେ ଆନ୍ତର୍ଜାତିକ ଯୋଗ ଦିବସ




ସମ୍ବଲପୁର: ସ୍ଥାନୀୟ ବୁଢାରଜା ହାଇସ୍କୁଲ ପଡିଆରେ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ବୁଢାରଜା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁମିତ୍ରା ପତ୍ରୀ ଓ ଦିନମଣୀ ବାରିକ, ହରିହର ପଣ୍ଡା, ଜଗବନ୍ଧୁ ବେହେରା, ଶରତ ପଣ୍ଡା, ଗୁଣସାଗର ସାଲିମା, ଗୋଲକ ବିହାରୀ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଯୋଗ ଓ ତାର ଉପକାରିତା ଉପରେ ଆଲୋକପାତ କରିଥିଲେ ।

ଏଥିରେ ୧୦୦ ରୁ ଉର୍ଦ୍ଧ୍ୱ ସ୍କାଉଟ, ଗାଇଡ, ଛାତ୍ର ଛାତ୍ରୀ ଙ୍କୁ ବିଜୟ ପ୍ରଧାନ ଓ ସ୍ମୃତି ସାଗରିକା ବାରିକ ଯୋଗାଭ୍ୟାସ କରାଇଥିଲେ । ସୁବ୍ରତ ନାଥ ଏକ କୁଣ୍ଡୀୟ ଯଜ୍ଞ କରିଥିଲେ । ତବଲା ଗ୍ରାମର ତିନି ବର୍ଷ ବୟସ୍କା ଆରାଧ ସାହୁ ସଂସ୍କୃତରେ ଗୀତା ଆବୃତ୍ତି ଓ ବିଭିନ୍ନ ଯୋଗାସନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସ୍ଥାନୀୟ କାଇଁଶୀର ସ୍କୁଲର ଛାତ୍ର ସ୍ୱାଗତ ମହାମଲ୍ଲିକ, ହର୍ଷିତ ଗଡ଼ନାଏକ, ଅଭିଷେକ ବାଗ ଓ ସାହିଲ ପ୍ରଧାନ ରାଜ୍ୟ ସ୍ତରୀୟ ଯୋଗ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା । ପତଞ୍ଜଳି ପରିବାର ର ନୀଳାମ୍ବର ସାହୁ, ରଞ୍ଜନ ବେହେରା, ସୁଧାଂଶୁ ଦୀକ୍ଷିତ, ଅଜିତ ପ୍ରଧାନ, ସମରଜିତ ଓ ସୁଶାନ୍ତ ନାୟକ ଆନ୍ତର୍ଜାତିକ ଯୋଗ ମହୋତ୍ସବକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।

## ବିଶ୍ୱାତ୍ମ ଚେତନା ପରିଷଦ ପାଇଲା 'ଭଞ୍ଜ ଭାରତୀ ସଂସ୍କୃତି ସମ୍ମାନ'




ଭୁବନେଶ୍ୱର: ବଲାଙ୍ଗୀରର ବିଶ୍ୱାତ୍ମ ଚେତନା ପରିଷଦକୁ ଶ୍ରୀ ଜଗନ୍ନାଥ ଚେତନାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଭଞ୍ଜ ଭାରତୀ ସଂସ୍କୃତି ସମ୍ମାନ- ୨୦୨୩' ରେ ସମ୍ମାନିତ କରାଯାଇଛି । ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଆୟୋଜିତ 'ଲୀଳାମୟ ନିଳାଦ୍ରୀଶ'ରେ ଏହି ସମ୍ମାନ ଦିଆଯାଇଛି । ବିଧାନସଭାର ସଚିବ ଦାଶରଥି ଶତପଥୀଙ୍କ ଠାରୁ ପରିଷଦର ସଂପାଦକ ଶ୍ରୀ ସତ୍ୟବେଦାନନ୍ଦ ସରସ୍ୱତୀ ଏହି ସମ୍ମାନ ଗ୍ରହଣ କରିଥିଲେ । ଅନୁଷ୍ଠାନର ସଭାପତି ଶ୍ରୀ ନୀଳାଦ୍ରୀମୋହନ ଶତପଥିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ ଉଦ୍‌ଘାଟକ ରୂପେ ଯୋଗ ଦେଇଥିଲେ । ସଂପାଦକ ତଥା ବିଶିଷ୍ଟ ଜଗନ୍ନାଥଚେତନା- ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କଳାମୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତାତ୍ତ୍ୱିକ ତାତ୍ପର୍ଯ୍ୟ ଓ ଲୋକଶିକ୍ଷା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ନାଦବ୍ରହ୍ମ ଅନୁଷ୍ଠାନପକ୍ଷରୁ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ସହିତ କଣ୍ଠଶିଳ୍ପୀ ଶ୍ରିତିକୋନା ଦାସ ଶ୍ରୀଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ଜଣାଣ ପରିବେଷଣ କରିଥିବା ବେଳେ ଦ୍ୱିଷା ପ୍ରିୟମ୍ବଦା ଓଡିଶୀନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ, ମିଳନ କୁମାର ସାହୁ, ପବିତ୍ର ମୋହନ ସାହୁ, ଡକ୍ଟର ବେଣୁଧର ଦାସ, ବିମଳ ଲୋଚନ ପଟ୍ଟନାୟକ, ସ୍ୱୟଂପ୍ରଜ୍ଞା ସାହୁ, ଦିଲ୍ଲୀପ ଦାସ, ପ୍ରସନ୍ନ କୁମାର ବେହେରା, ସୁକାନ୍ତ କୁମାର ଗିରି, ଇତିଶ୍ରୀ ମହାନ୍ତି, ଦୀପ୍ତିମୟୀ ଦାସ, ସୁରେଶ୍ୱର ପାଣିଗ୍ରାହୀ, ଅଶୋକକୁମାର ମିଶ୍ର, ବିଜୟା ମିଶ୍ର ପ୍ରମୁଖ ପରିଚାଳନା କରିଥିବାବେଳେ ନନ୍ଦକିଶୋର ଜେନା ସଭା ସଂଯୋଜନା କରିଥିଲେ । ଶେଷରେ ଶୈଳଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra